

ସର୍ବାଧିକ ବିଶ୍ୱାସଯୋଗ୍ୟ ସମ୍ବାଦପତ୍ର

31 YEARS

e-paper www.sambadkalika.in

# ସମ୍ବାଦ କଳିକା

The Sambad Kalika

TM

ଓଡ଼ିଶାର ଏକମାତ୍ର ISO ସ୍ୱୀକୃତିପ୍ରାପ୍ତ ସମ୍ବାଦପତ୍ର

KVQA | NORSK AKKREDITERING MSYS 007

NS-EN ISO 9001:2008 The Only ISO Certified Odiya Newspaper

E-mail : sambadkalikanews@gmail.com

କର୍ମଣ୍ୟେ ବାଧିକାରସ୍ତେ ମା' ଫଳେଷୁ କଦାଚନ

୮ ପୃଷ୍ଠା ମୂଲ୍ୟ : ୨.୦୦ ଟଙ୍କା 8 Pages, ₹2.00

● ବର୍ଷ–୩୩ ● ସଂଖ୍ୟା–୧୪୯ ● ୨୭ ଜୁନ୍ ୨୦୨୫, ଶୁକ୍ରବାର ● ଭୁବନେଶ୍ୱର ● Vol -32 ● Issue-149 ● 27th June 2025, Friday ● Bhubaneswar | RNI Regd.No. : 52640/94 Postal Regd.No. : BN-60/25-27


## ଆଜି ଘୋଷଯାତ୍ରା : ଲୋକାରଣ୍ୟ ହେଉଛି ଶ୍ରୀକ୍ଷେତ୍ର

# ସିଂହଦ୍ୱାର ସମ୍ମୁଖରେ ତିନି ରଥ

**ପୁରୀ, ୨୬।୬ : ନ୍ୟୁଜ୍ ବ୍ୟୁରୋ**

ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା–୨୦୨୫ ପାଇଁ ଶ୍ରୀକ୍ଷେତ୍ର ଲୋକାରଣ୍ୟ ହେବାରେ ଲାଗିଛି। ବଡ଼ଦାଣ୍ଡରେ ଗହଳି ମଧ ବଢ଼ିବାରେ ଲାଗିଛି । ରଥଯାତ୍ରା ପୂର୍ବ ଦିନ ଅର୍ଥାତ ଗୁରୁବାର ପୁରୀ ସହରକୁ ଲକ୍ଷ ଲକ୍ଷ ଭକ୍ତମାନଙ୍କର ଆଗମନ ହୋଇସାରିଛି। ରାତି ପାହିଲା ବେଳକୁ ଶ୍ରୀକ୍ଷେତ୍ରକୁ ବାହାରୁ ୧୦ଲକ୍ଷରୁ ଉର୍ଦ୍ଧ୍ୱ ଭକ୍ତ ପହଞ୍ଚିବାର ସମ୍ଭାବନା ରହିଥିବାରୁ ସୁରକ୍ଷା ବ୍ୟବସ୍ଥା ପାଇଁ ପୋଲିସ୍ ପ୍ରଶାସନ ପକ୍ଷରୁ ସମସ୍ତ ବ୍ୟବସ୍ଥା ଗ୍ରହଣ କରାଯାଇଛି। ରାଜ୍ୟର ଚାରିଆଡ୍ରୁ ଶ୍ରଦ୍ଧାଳୁ ପୁରୀ ମୁହାଁ ହୋଇଛନ୍ତି। ରଥାରୂଢ଼ କାଳିଆ ସାଆନ୍ତଙ୍କ ଦର୍ଶନ ପାଇଁ ଦେଶ–ବିଦେଶରୁ ଭକ୍ତ ଆସି ପୁରୀରେ ପହଞ୍ଚିବାରେ ଲାଗିଛନ୍ତି।

### ରୀତିନୀତିର ସହ ନବଯୌବନ ଦର୍ଶନ ସମ୍ପନ୍ନ



ରାତି ପାହିଲେ ମହାପ୍ରଭୁଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରା । ଶୁକ୍ରବାର ଦାରୁବିଗ୍ରହଙ୍କ ଶ୍ରୀଗୁଣ୍ଡିଚା ଯାତ୍ରା । ରୀତିନୀତି ଅନୁସାରେ ସକାଳ ୯ଟାରେ ତିନି ରଥକୁ ପ୍ରତିଷ୍ଠା କରାଯିବ । ୯ଟା ୧୫ରେ ମଙ୍ଗଳାର୍ପଣ ପରେ ୯ଟା ୩୦ରୁ ପହଣ୍ଡି ଆରମ୍ଭ ହେବ । ମଧ୍ୟାହ୍ନ ୧୨ଟା ୩୦ ସୁଦ୍ଧା ଦାରୁବିଗ୍ରହ ରଥାରୂଢ଼ ହେବେ । ୨ଟା ୩୦ରୁ ୩ଟା ୩୦ ମଧ୍ୟରେ ଛେରାପହଁରା ନୀତି ସଂପନ୍ନ କରାଯିବ। ଚାରମାଳ ଫିଟାଯାଇ ଅପରାହ୍ନ ୪ଟାରେ ରଥଟଣା ଆରମ୍ଭ ହେବ ବୋଲି ନୀତି ନିର୍ଘଣ୍ଟ କରାଯାଇଛି। ଅନ୍ୟପଟେ ରଥଯାତ୍ରା ପାଇଁ ସମଗ୍ର ପୁରୀ ସହରକୁ ସୁରକ୍ଷା ବଳୟରେ ରଖାଯାଇଛି । ଜଳ, ସ୍ଥଳ ଓ ଆକାଶ ମାର୍ଗରୁ ତୀକ୍ଷ୍ଣ ନଜର ରଖାଯାଇଛି । *(ପୃଷ୍ଠା ୭ରେ)*

## ସାମୟିକ କର୍ମଚାରୀ କାର୍ଯ୍ୟାନ୍ତର ହେଲେ ପାଇବେ ୨.୫ ଲକ୍ଷ

**ଭୁବନେଶ୍ୱର, ୨୬।୬**
**ନ୍ୟୁଜ୍ ବ୍ୟୁରୋ**

ରଥଯାତ୍ରା ପୂର୍ବରୁ ରାଜ୍ୟର ସାମୟିକ କର୍ମଚାରୀ ମାନଙ୍କ ପାଇଁ ଖୁସି ଖବର। ପୂର୍ବରୁ ସାମୟିକ କର୍ମଚାରୀ ମାନଙ୍କୁ କାର୍ଯ୍ୟରୁ ଅନ୍ତର କରାଯିବା ବେଳେ ସେମାନଙ୍କୁ ଏକକାଳୀନ ୧.୫ ଲକ୍ଷ ଟଙ୍କା ମିଳୁଥିଲା। ଏହି ପରିମାଣକୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୨.୫ ଲକ୍ଷ ଟଙ୍କାକୁ ବୃଦ୍ଧି କରିଛନ୍ତି। ଏ ସଂକ୍ରାନ୍ତୀୟ ପ୍ରସ୍ତାବକୁ ମୁଖ୍ୟମନ୍ତ୍ରୀ ଅନୁମୋଦନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ନିଷ୍ପତ୍ତି ଅନୁଯାୟୀ, *(ପୃଷ୍ଠା ୭ରେ)*






## ନବୀନଙ୍କ ଆଶୁ ଆରୋଗ୍ୟ କାମନା କଲେ ପ୍ରଧାନମନ୍ତ୍ରୀ

**ଭୁବନେଶ୍ୱର, ୨୬।୬**
**ନ୍ୟୁଜ୍ ବ୍ୟୁରୋ**

ସଂପ୍ରତି ମୁମ୍ବାଇରେ ଚିକିତ୍ସାଧୀନ ଥିବା ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ସହ ଗୁରୁବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟେଲିଫୋନ୍‌ରେ କଥା ହୋଇଛନ୍ତି। ନବୀନଙ୍କ ଅସୁସ୍ଥତା ଏବଂ ଅସ୍ତ୍ରୋପଚାର ଖବର ପାଇ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ତାଙ୍କ ସହ ଟେଲିଫୋନ୍‌ରେ କଥା ହୋଇଥିଲେ ଏବଂ ତାଙ୍କର ଆଶୁ ଆରୋଗ୍ୟ କାମନା କରିଥିଲେ।

ଏଠାରେ ଉଲ୍ଲେଖଯୋଗ୍ୟ ଯେ, ଗତ ୨୨ ତାରିଖ ଦିନ ମୁମ୍ବାଇର କୋକିଳାବେନ୍ ଧିରୁଭାଇ ଅମ୍ବାନୀ ହସ୍ପିଟାଲରେ ନବୀନଙ୍କର ସର୍ଭାଇକାଲ୍ ଆର୍ଥ ରାଇଟିସ୍ ଅପରେସନ୍ ସଫଳତାର ସହ ସଂପନ୍ନ ହୋଇଥିଲା। ନବୀନଙ୍କ ଘରୋଇ ଡାକ୍ତର ରମାକାନ୍ତ ପଣ୍ଡା ତାଙ୍କର ଏହି ଅସ୍ତ୍ରୋପଚାର କରିଥିଲେ।

### ଗୋପାଳପୁର ବନ୍ଦର ଉନ୍ନତିକରଣ ଏବଂ ଜଟାଧାର ମୁହାଣରେ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷରିତ

# ନିବେଶ ହେବ ମୋଟ ୧୮,୬୫୪ କୋଟି



**ଭୁବନେଶ୍ୱର, ୨୬।୬ : ନ୍ୟୁଜ୍ ବ୍ୟୁରୋ**

ରାଜ୍ୟରେ ବିଭିନ୍ନ ସ୍ଥାନରେ ବନ୍ଦର, ଜେଟି ଓ ଅନ୍ୟାନ୍ୟ ଭିତ୍ତିଭୂମି ସ୍ଥାପନ କରି ଓଡ଼ିଶାରେ ସାମୁଦ୍ରିକ ବାଣିଜ୍ୟର ବିକାଶ ଉପରେ ରାଜ୍ୟ ସରକାର ପ୍ରାଥମିକତା ଦେଉଛନ୍ତି ବୋଲି ଗୁରୁବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋପାଳପୁର ବନ୍ଦର ଉନ୍ନତିକରଣ ଏବଂ ଜଟାଧାର ମୁହାଣରେ କ୍ୟାପ୍‌ଟିଭ ଜେଟି ନିର୍ମାଣ ପାଇଁ ରିହାତି ଚୁକ୍ତିନାମା ସ୍ୱାକ୍ଷର ଅବସରରେ କହିଛନ୍ତି।

ସୂଚନାଯୋଗ୍ୟ ଯେ, ଜଗତସିଂହପୁର ଜିଲ୍ଲା ଏରସମା ତହସିଲ ଅନ୍ତର୍ଗତ ଜଟାଧାର ମୁହାଣଠାରେ ଏକ କ୍ୟାପ୍‌ଟିଭ ଜେଟି ନିର୍ମାଣ ପାଇଁ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡ ସହିତ ରାଜ୍ୟ ସରକାରଙ୍କ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି । ୫୨ ମିଲିଅନ ମେଟ୍ରିକ ଟନ ପଣ୍ୟ ପରିବହନ କ୍ଷମତା ବିଶିଷ୍ଟ ଏହି ଜେଟି ସ୍ଥାପନ ନିମନ୍ତେ ପ୍ରାରମ୍ଭିକ ସ୍ତରରେ ୨,୧୦୦ କୋଟି ଟଙ୍କା ନିବେଶ କରାଯିବ ଏବଂ ଏହା ମାଧ୍ୟମରେ ୩,୪୫୦ ପ୍ରତ୍ୟକ୍ଷ ଓ ପରୋକ୍ଷ ନିଯୁକ୍ତି ସୃଷ୍ଟି ହେବ।

ସେହିଭଳି ୧୬,୫୫୪ କୋଟି ଟଙ୍କା ନିବେଶରେ ଗୋପାଳପୁର ବନ୍ଦରର ସଂପ୍ରସାରଣ ଓ ଉନ୍ନତିକରଣ କାର୍ଯ୍ୟ ପାଇଁ ଗୋପାଳପୁର ପୋର୍ଟ୍ସ ଲିମିଟେଡ ଏବଂ ଓଡ଼ିଶା ସରକାରଙ୍କ ମଧ୍ୟରେ ରିହାତି ଚୁକ୍ତିନାମା ସ୍ୱାକ୍ଷର ହୋଇଛି। ଏହି ଉନ୍ନତିକରଣ କାର୍ଯ୍ୟ ପରେ ବନ୍ଦରର ପଣ୍ୟ ପରିବହନ କ୍ଷମତା ୫୦ ମିଲିଅନ ମେଟ୍ରିକ ଟନ ହେବ। ଏହା ମାଧ୍ୟମରେ ପ୍ରାୟ ୫ ହଜାର ଯୁବକଯୁବତୀଙ୍କ ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ନିଯୁକ୍ତି ସୃଷ୍ଟି ହେବ।

ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲ ଲିମିଟେଡର ପ୍ରେସିଡେଣ୍ଟ ଅନୀଲ କୁମାର ସିଂ ଏବଂ ଗୋପାଳପୁର ପୋର୍ଟ୍ସ ଲିମିଟେଡର ବିଜିନେସ ହେଡ ସନ୍ଦିପ ଜୟସ୍ୱାଲ ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ବନ୍ଦର ନିର୍ଦ୍ଦେଶକ ପଦ୍ମଲୋଚନ ରାଉଳଙ୍କ ମଧ୍ୟରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ଏହି ରିହାତି ଚୁକ୍ତିନାମା *(ପୃଷ୍ଠା ୭ରେ)*







# ହେଉନି ନିର୍ମାଣ କାମ : ମରଣଯନ୍ତା ପାଲଟିଛି ସିଲେଟପଡ଼ା ରାସ୍ତା

**କର୍ଲାମୁଣ୍ଡା, ନ୍ୟୁଜ୍ ବ୍ୟୁରୋ**

କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ କୋରାପ୍ୱାର ପଞ୍ଚାୟତ କୁଶୁର୍ଲା ହରଗୌରୀ ମନ୍ଦିର ଛକଠାରୁ ସିଲେଟପଡା ରାସ୍ତା ଦୀର୍ଘ ଦିନ ହେଲା ମରାମତି କିମ୍ବା ନିର୍ମାଣ କାର୍ଯ୍ୟ ହୋଇ ନ ଥିବାରୁ ରାସ୍ତା ଏବେ ମରଣଯନ୍ତା ପାଲଟିଛି । ଏହି ରାସ୍ତା ୨୦୧୫ରେ ତତ୍କାଳୀନ ଜିଲାପାଳଙ୍କ ସୁପାରିସ କ୍ରମେ ସ୍ୱତନ୍ତ୍ର କେନ୍ଦ୍ରୀୟ ଅନୁଦାନରେ କୁଶୁର୍ଲା ଛକରୁ ସିଲେଟପଡ଼ା ଓ ଶୀଶାଖାଲ ମଙ୍ଗଲାଜୋର ପର୍ଯ୍ୟନ୍ତ ନୂତନ ପିଚୁ ରାସ୍ତା ନିର୍ମାଣ ହୋଇଥିଲା ।

ବର୍ତ୍ତମାନ ରାସ୍ତାରେ ପିଚୁ ସମ୍ପୂର୍ଣ୍ଣ ଉଠିଯିବା ସହ ଖାଲ ଖମାମଗୁଡ଼ିକ



ସୃଷ୍ଟି ହୋଇଥିବାରୁ ପ୍ରତ୍ୟହ ଯାତାୟାତ କରୁଥିବା ଜନସାଧାରଣ ଦୁର୍ଘଟଣାର ଶିକାର ହେଉଥିବା ସିଲେଟପଡାର ଚୈତନ୍ୟ ସାହୁ ଅଭିଯୋଗ କରିଛନ୍ତି । ଅନ୍ୟପକ୍ଷେ ଉକ୍ତ ରାସ୍ତାକୁ ପ୍ରଧାନମନ୍ତ୍ରୀ ସଡ଼କ ଯୋଜନାରେ ସାମିଲ କରିବା ନେଇ ଗ୍ରାମବାସୀଙ୍କ ପକ୍ଷରୁ ବିଭିନ୍ନ ସମୟରେ ଜିଲାପାଳଙ୍କ ଜନ ଶୁଣାଣୀ ଶିବିର ଦରଖାସ୍ତ ଦେଇଥିଲେ ହେଁ କୌଣସି ଲାଭ ହୋଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ଏନେଇ କେସିଙ୍ଗା ଗ୍ରାମ ଉନ୍ନୟନ ସଂସ୍ଥା(ଆରଡ଼ି)ବିଭାଗର ଦାୟିତ୍ୱରେ ଥିବା ଯନ୍ତ୍ରୀ ସୋସନ କୁଣ୍ଡୁଲୁଙ୍କୁ ପଚାରିବାରୁ ବ୍ଲକ ପକ୍ଷରୁ ଏହି ରାସ୍ତା ଆମ ବିଭାଗକୁ ହସ୍ତାନ୍ତର ହୋଇ ନ ଥିବାରୁ କୌଣସି ପଦକ୍ଷେପ ନିଆଯାଇ ପାରୁନାହିଁ ବୋଲି କହିଛନ୍ତି । ଅନ୍ୟପକ୍ଷେ କର୍ଲାମୁଣ୍ଡା ବିଡ଼ିଓ ଦେବେନ୍ଦ୍ର ସାମଲଙ୍କୁ ପଚାରିବାରୁ ଉକ୍ତ ରାସ୍ତାର ଉନ୍ନତି କରଣ ପାଇଁ ପଦକ୍ଷେପ ନିଆଯିବ ବୋଲି କହିଛନ୍ତି । ଏଣୁ ଏହି ଦିଗରେ ଜିଲାପାଳ ତୁରନ୍ତ ପଦକ୍ଷେପ ନେବାକୁ ଅଞ୍ଚଳବାସୀ ଅନୁରୋଧ କରିଛନ୍ତି ।

# ସମସ୍ୟା ଘେରରେ ଆଳତୁମା ଉଚ୍ଚ ବିଦ୍ୟାଳୟ

**କାମାକ୍ଷାନଗର, ନ୍ୟୁଜ୍ ବ୍ୟୁରୋ**

କାମାକ୍ଷାନଗର ଏନଏସି ଅନ୍ତର୍ଗତ ଆଲତୁମାସ୍ଥିତ ଆଲତୁମା ଉଚ୍ଚ ବିଦ୍ୟାଳୟ ବହୁ ସମସ୍ୟା ଘେରରେ ରହିଥିବାରୁ ଅଭିଭାବକ ଓ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ଆଳତୁମା ଗ୍ରାମର ଶିକ୍ଷାର ବିକାଶ ପାଇଁ ଗ୍ରାମର ବରିଷ୍ଠ ନାଗରିକମାନେ ୧୯୮୦ ମସିହାରେ ଉଚ୍ଚ ବିଦ୍ୟାଳୟ ସ୍ଥାପନ କରିଥିଲେ । କ୍ରମେ ସରକାର ବିଦ୍ୟାଳୟର ପରିଚାଳନା ଭାର ହାତକୁ ନେଇଥିଲେ । ସରକାରଙ୍କ ପକ୍ଷରୁ ବିଦ୍ୟାଳୟ ସଠିକ ଭାବେ ପରିଚାଳନା କରାଯାଇ ଆସୁଥିବାବେଳେ ଗତ ୧୯୧୭ ମସିହାରେ ପ୍ରାଥମିକ ବିଦ୍ୟାଳୟଟି ଉଚ୍ଚ ବିଦ୍ୟାଳୟରେ ମିଶ୍ରଣ ହୋଇଥିଲା । କିନ୍ତୁ ଏବେ କିଛି ବର୍ଷ ଧରି ସରକାରଙ୍କ ବୈମାତୃକ ମନୋଭାବ ଯୋଗୁଁ ଏବେ ଶିକ୍ଷାଦାନରେ ଅହେତୁକ ବାଧା ସୃଷ୍ଟି ହୋଇଛି । ଏବେ ବିଦ୍ୟାଳୟରେ ସମୁଦାୟ ୨୬୨ ଜଣ ବିଦ୍ୟାର୍ଥୀ ଅଧ୍ୟୟନ କରୁଥିବାବେଳେ ତନ୍ମଧ୍ୟରୁ ୧୨୭ ଜଣ ଛାତ୍ରୀ ଏବଂ ୧୩୫ ଜଣ



ଛାତ୍ର ରହିଛନ୍ତି । ବିଦ୍ୟାଳୟରେ ଦୀର୍ଘ ଦିନ ଧରି ପ୍ରଧାନଶିକ୍ଷକ ପଦ ଖାଲି ଥିବାବେଳେ ୨ଟି ଶିକ୍ଷକ ପଦ ସହିତ ୨ଟି ପିଅନ ପଦବୀ ମଧ୍ୟ ଖାଲି ରହିଛି । ଗ୍ରାମବାସୀଙ୍କ ଦ୍ୱାରା ଟାଇଲ ଘର ନିର୍ମାଣ କରାଯାଇ ବିଦ୍ୟାଳୟ ଆରମ୍ଭ ହୋଇଥିଲା । ମରାମତି ଅଭାବରୁ ଏବେ ସେଥିରେ ବିଦ୍ୟାର୍ଥୀ ବସି ଅଧ୍ୟୟନ କରିବା ସମ୍ଭବ ହେଉନାହିଁ । ଫଳରେ ବିଦ୍ୟାଳୟରେ ଶ୍ରେଣୀ ଗୃହର ଅଭାବ ଦେଖା ଦେଇଛି ।

ବିଦ୍ୟାଳୟରେ ଶିକ୍ଷକ, ଶ୍ରେଣୀ ଗୃହ ଅଭାବ ରହିଥିବାରୁ ଶିକ୍ଷାଦାନରେ ଅନ୍ତରାୟ ସୃଷ୍ଟି କରିଛି । ସରକାରଙ୍କ ଶିକ୍ଷାନୀତି ଏହି ବିଦ୍ୟାଳୟରେ ସଠିକ ଭାବେ କାର୍ଯ୍ୟ କରୁ ନ ଥିବାରୁ ଅଭିଭାବକ ଏବଂ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଲାଣି । ଏ ସଂକ୍ରାନ୍ତରେ ବହୁବାର ଦାବି ହୋଇ ଆସୁଥିଲାବେଳେ କେହି ଏଥିପ୍ରତି ଗୁରୁତ୍ୱ ଦେଉନଥିବା ବେଳେ ଆଗାମୀ ଦିନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଦ୍ୟାଳୟର ଶ୍ରେଣୀଗୃହର ନିର୍ମାଣ ଓ ମରାମତି ସହିତ ପ୍ରଧାନ ଶିକ୍ଷକ ସହିତ ଆବଶ୍ୟକୀୟ ପଦବୀ ପୂରଣ ଦିଗରେ ପଦକ୍ଷେପ ନିଆ ନଗଲେ ଆନ୍ଦୋଳନମୂକ ପଦକ୍ଷେପ ନେବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ପ୍ରକାଶ ।

# ସାଇବାବାଙ୍କ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ

**ବ୍ରହ୍ମପୁର, ନ୍ୟୁଜ୍ ବ୍ୟୁରୋ**

ସ୍ଥାନୀୟ ଗୋଶାଣୀନୂଆଗାଁ ସ୍ଥିତ ଓମ୍ ବିହାର ଠାରେ ଶିରିଡି ସାଇବାବା ଟ୍ରଷ୍ଟ ପକ୍ଷରୁ ନିର୍ମିତ ନୂତନ ଶିରିଡି ସାଇବାବାଙ୍କ ମନ୍ଦିର ଓ ବିଗ୍ରହ ପ୍ରତିଷ୍ଠାର ପ୍ରଥମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଛି । ଠିକ୍ ବିଗତ ବର୍ଷ ଏହି ତିଥିରେ ମନ୍ଦିର ପ୍ରତିଷ୍ଠା ସହ ଶିରିଡ଼ି ସାଇବାବା ବିଗ୍ରହ ସ୍ଥାପନା ହୋଇଥିଲା । ପ୍ରାତଃ ସମୟରେ ପୂଜକଙ୍କ ଦ୍ୱାରା ସ୍ୱତନ୍ତ୍ର ରୀତିନୀତି ଅନୁସାରେ ସାଇ ବାବା ପୂଜାର୍ଚ୍ଚନା କରାଯାଇ ଆଳତି ଏବଂ ଶୁଖିଲା ଭୋଗ ଲାଗି ହୋଇଥିଲା । ପରବର୍ତ୍ତୀ ସମୟରେ ଦୀନତମାମ କାର୍ଯ୍ୟସୂଚୀ ଅନୁଯାୟୀ ସମସ୍ତ ପୂଜା ଅନୁଷ୍ଠିତ ହୋଇଛି । ବାର୍ଷିକ ଉତ୍ସବ ଅବସରରେ ଭକ୍ତ ଶ୍ରଦ୍ଧାଳୁଙ୍କ ପ୍ରସାଦ ସେବନ ନିମନ୍ତେ ଆନନ୍ଦ ବଜାର ବ୍ୟବସ୍ଥା ରହିଛି । ଦଶହଜାରରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ମଧ୍ୟାହ୍ନ ଓ ରାତ୍ର ଭୋଜନରେ ସାମିଲ ହୋଇଛନ୍ତି । ସ୍ଥାନୀୟ ଅଞ୍ଚଳର ବହୁ ସ୍ୱେଚ୍ଛାସେବୀ ପ୍ରାସାଦ ବଣ୍ଟନରେ ସହଯୋଗ କରିଥିଲେ । ଶିରିଡ଼ି ସାଇବାବା ମନ୍ଦିର ଟ୍ରଷ୍ଟି ଲୋହିତ କୁମାର ମଙ୍ଗରାଜଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ସହରର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ସମେତ ସାଇ ବାବାଙ୍କ ଅନେକ ଭକ୍ତବୃନ୍ଦ ଉପସ୍ଥିତ ରହିଥିଲେ ।

# ଫୁଲବାଣୀ ରୋଟାରୀ କ୍ଲବ୍ ପକ୍ଷରୁ ମାତୃ ପିତୃ ବନ୍ଦନା ଉତ୍ସବ

**କନ୍ଧମାଳ, ନ୍ୟୁଜ୍ ବ୍ୟୁରୋ**

ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ରୋଟାରୀ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ୟଜ୍ଞାଶିସ୍ ମହାପାତ୍ରଙ୍କ ପରାମର୍ଶ କ୍ରମେ ଫୁଲବାଣୀ ରୋଟାରୀ କ୍ଲବ ସଭାପତି ବିପ୍ର ଚରଣ ପାତ୍ର ଓ ସମ୍ପାଦକବିଜୟ ପଟ୍ଟନାୟକଙ୍କ ନେତୃତ୍ୱରେ ପବ୍ଲିକ ସ୍କୁଲ ପରିସରରେ ୧୪୦୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀ ଏକା ଥରକେ ମା', ବାପା, ଗୁରୁଜନ, ବରିଷ୍ଠ ନାଗରିକ ମାନଙ୍କୁ ପାଦରେ ପାଣି ଛିଞ୍ଚି ଫୁଲ ଧୂପ ଦେଇ ଆଳତୀ କରି ଭକ୍ତିର ସହ ପୂଜାର୍ଚ୍ଚନା କରିବା ସହ ମିଠା ଖୁଆଇଥିଲେ । ସମସ୍ତଙ୍କୁ ରୋଟାରୀ କ୍ଲବ୍ ପକ୍ଷରୁ ଉପ-ଢ୍ୱୌକନ ପ୍ରଦାନ କରାଯାଇ ଥିଲା । ଯାହାକି ରାଜ୍ୟର ସବୁଠୁ ବଡ଼ ମାତୃ ପିତୃ ବନ୍ଦନା ଉତ୍ସବ ଓ ଏହା ଏସିଆ ବୁକ ଅଫ ରେକର୍ଡରେ ସ୍ଥାନ ପାଇବା ଆଶା କରାଯାଉଛି ।

ଏଥିରେ ମୁଖ୍ୟ ଅତିଥି ଭାବେ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର୍ ୟଜ୍ଞାସିସ ମହାପାତ୍ର ଯୋଗଦେଇ ଦିନକୁ ଦିନ ପିଲା ମାନଙ୍କ ଗୁରୁଜନ, ପିତା ମାତା ଓ ବୟସ୍କଙ୍କ ପ୍ରତି ଭକ୍ତିଭାବ କମି ଯାଉଥିବା ଦେଖାଯାଉଛି ଏଣୁ ସମସ୍ତଙ୍କୁ ଏ ଦିଗରେ ସଚେତନ କରିବା ପାଇଁ ଏଭଳି କାର୍ଯ୍ୟକ୍ରମ ଅୟୋଜନ କରାଯାଉଥିବା କହିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଭୁବନେଶ୍ୱର ସେକ୍ରେଟାରୀ ଜେନେରାଲ ରସାନନ୍ଦ ରାଉତ, ପୂର୍ବତନ ସଭାପତି ରବି ସୁବୁଦ୍ଧି, ପ୍ରଶାନ୍ତ ପାଣଗ୍ରାହୀ, ପଦ୍ମ ଚରଣ ସ୍ୱାଇଁ, ମୋନୋରଞ୍ଜନ୍ ପଟନାୟକ, ପ୍ରକାଶ ପଣ୍ଡା, ପ୍ରସନ୍ନ ପଣ୍ଡା, ସୁନୀଲ ପଟ୍ଟନାୟକ, ଶୁଭ୍ରକ୍ଷ ପଟନାୟକ, କେ. ଜ୍ଞାନ ଦୋରା, ହରିଶ ଚନ୍ଦ୍ର ମହାରଣା, ବିରଜା ନାହାକ, କୁନ୍ଦନ୍ ସିଂହ, ବି. ଦେବେନ୍ଦ୍ର ପାତ୍ର ପ୍ରମୁଖ ସହଯୋଗ କରିଥିଲେ । ପବ୍ଲିକ ସ୍କୁଲ ଶିକ୍ଷକ ଶିକ୍ଷୟତ୍ରୀ ଓ ସମସ୍ତ କର୍ମଚାରୀ କାର୍ଯ୍ୟକ୍ରମକୁ ସୁଚାରୁରୂପେ ପରିଚାଳନା କରିଥିଲେ । କାର୍ଯ୍ୟକ୍ରମରେ ପବ୍ଲିକ ସ୍କୁଲ ସମେତ ଅନ୍ୟ ସ୍କୁଲ ଛାତ୍ରଛାତ୍ରୀ ଅବିଭାବକ ମାନେ ଉପସ୍ଥିତ ଥିଲେ ।

ଏଭଳି କାର୍ଯ୍ୟକ୍ରମ ଜିଲ୍ଲାରେ ପ୍ରଥମ ବୋଲି ଜଣାପଡିଛି । ଫୁଲବାଣୀ ରୋଟାରୀ କ୍ଲବ ପକ୍ଷରୁ ସମସ୍ତ ଛାତ୍ର ଛାତ୍ରୀଙ୍କୁ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା ।

# କୋଟି କୋଟି ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଖୋଲୁନି ଶିବପ୍ଲାଜା

**ଆରଡି, ନ୍ୟୁଜ୍ ବ୍ୟୁରୋ**

ରାଜ୍ୟର ପ୍ରମୁଖ ପର୍ଯ୍ୟଟନସ୍ଥଳ ଭାବେ ମାନ୍ୟତା ପାଇଥିବା ଭଦ୍ରକ ଜିଲ୍ଲାର ପ୍ରସିଦ୍ଧ ଶୈବକ୍ଷେତ୍ର ଆରଡିଧାମକୁ ବାବା ଆଖଣ୍ଡଳମଣିଙ୍କ ଦର୍ଶନ ଓ ମାନସିକ ପୂଜା ପାଇଁ ପ୍ରତିଦିନ ହଜାର ହଜାର ଭକ୍ତ ଆସିଥାନ୍ତି । ଏପରିକି ପୀଠରେ ମୁଖ୍ୟପର୍ବ ଜାଗରଯାତ୍ରା ସମେତ ଶିବବିବାହ ମହୋତ୍ସବ, ଶ୍ରାବଣୀଯାତ୍ରା, କାର୍ତ୍ତିକବ୍ରତ ଆଦି ପର୍ବପର୍ବାଣୀରେ ଲକ୍ଷାଧିକ ଭକ୍ତଙ୍କ ଭିଡ଼ ପରିଲକ୍ଷିତ ହୋଇଥାଏ ପୀଠରେ । ଅଗଣିତ ଭକ୍ତମାନଙ୍କର ଆକୃଷ୍ଟ ନିମନ୍ତେ ପୂର୍ବ ସରକାରଙ୍କ ପକ୍ଷରୁ ପୀଠରେ ଏକ ୫୧ ଫୁଟ ସୁଉଚ୍ଚ ବିଶିଷ୍ଟ ଧ୍ୟାନମଗ୍ନ ଶିବମୂର୍ତ୍ତି ସହ ତା'ର ସମ୍ମୁଖରେ ଶିବପ୍ଲାଜା ନିର୍ମାଣ କରାଯାଇଥିଲା । ଉକ୍ତ ଶିବପ୍ଲାଜାର କାର୍ଯ୍ୟ ସମ୍ପନ୍ନ ହୋଇଥିଲେ ମଧ୍ୟ କେବଳ ପର୍ବପର୍ବାଣୀକୁ ବାଦ୍ ଦେଲେ ଅନ୍ୟ



କୌଣସି ଦିନ ଖୋଲାଯାଉନାହିଁ ଫଳରେ ମାସମାସ ଧରି ଶିବପ୍ଲାଜା ସମ୍ମୁଖ ଫାଟକରେ ତାଲା ଝୁଲୁଥିବାରୁ ଭକ୍ତମାନେ ଭ୍ରମଣ କରିବାରୁ ବଞ୍ଚିତ ହେଉଛନ୍ତି । ଭକ୍ତମାନଙ୍କ ପାଇଁ କୋଟିକୋଟି ଟଙ୍କା ଖର୍ଚ୍ଚ କରାଯାଇ ଏତେ ସୁନ୍ଦର ଶିବପ୍ଲାଜାକୁ ବନ୍ଦ କରି ରଖାଯିବା ନେଇ କେନ୍ଦ୍ରାପଡ଼ାର ମଣିବାବା ଭକ୍ତ ମହାସଂଘ ଓ କଟକର ମଣିଶ୍ରୀ ଭକ୍ତ ମହାସଂଘ ନିନ୍ଦା ପ୍ରକାଶ କରିଛନ୍ତି । ଏପରିକି ପ୍ରତିଦିନ ମଣିବାବାଙ୍କ ପୀଠକୁ ଆସୁଥିବା ଭକ୍ତମାନେ ଶିବପ୍ଲାଜା ନଯାଇ ନିରାଶ ହୋଇ ଫେରୁଛନ୍ତି । ଏପରିକି କିଛି ଭକ୍ତ ଶିବପ୍ଲାଜା ଭିତରକୁ ନଯାଇ ଫାଟକ ସମ୍ମୁଖରେ ଫଟୋ ଉଠାଇ ନିରାଶ ହେଉଛନ୍ତି । ଏପରି ସମ୍ପର୍କରେ ଜିଲା ଗୃହନିର୍ମାଣ ବିଭାଗୀୟ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ କୌଣସି ଉତ୍ତର ମିଳିପାରିନଥିଲା ।

# ଦୂର ହେବ ଚିଲିକା ଦ୍ୱିପାଞ୍ଚଳବାସୀଙ୍କ ଦୁଃଖ : ନିର୍ମାଣ ହେବ ଅତ୍ୟାଧୁନିକ ସେତୁ

**ଭୁବନେଶ୍ୱର, ନ୍ୟୁଜ୍ ବ୍ୟୁରୋ**

ଦୀର୍ଘ ପ୍ରତିକ୍ଷାର ହେବ ଅନ୍ତ । ଖୁବ୍ ଶୀଘ୍ର ଚିଲିକା ଉପରେ ନିର୍ମାଣ ହେବ ସେତୁ । ସେତୁ ନିର୍ମାଣ ପାଇଁ ମିଳିଲା ପରିବେଶ ମଞ୍ଜୁରୀ । ଚିଲିକା କୃଷ୍ଣପ୍ରସାଦ ବ୍ଲକର ୧୪ଟି ପଞ୍ଚାୟତର ଲୋକଙ୍କୁ ମିଳିବ ଯନ୍ତ୍ରଣାରୁ ମୁକ୍ତି ।

ଚିଲିକା ଉପରେ ନିର୍ମାଣ ହେବ ଅତ୍ୟାଧୁନିକ ସେତୁ । ସେତୁ ନିର୍ମାଣ ଲାଗି ମିଳିଲା ଗ୍ରିନ୍ ସିଗ୍ନାଲ୍ । ପରିବେଶ ଜଙ୍ଗଲ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ବିଭାଗ ପକ୍ଷରୁ ମିଳିଲା ମଞ୍ଜୁରୀ । ଭାରତୀୟ ଜାତୀୟ ରାଜପଥ ପ୍ରାଧିକାରଣ ଦ୍ୱାରା ସାତପଡ଼ା-କୃଷ୍ଣପ୍ରସାଦ ବ୍ଲକ ମଧ୍ୟରେ ଚିଲିକା ଉପରେ ୭.୭୪୦ କିଲୋମିଟର ଲମ୍ବରେ ମିସିଂ ଲିଙ୍କ ନିର୍ମାଣ ହେବ ।

ହ୍ରଦ ଉପରେ ଦୁଇ ଲେନ୍ ବିଶିଷ୍ଟ ବୃହତ ସେତୁ ନିର୍ମାଣ ପାଇଁ ମଞ୍ଜୁର କରିଛନ୍ତି କେନ୍ଦ୍ର ପରିବେଶ ମନ୍ତ୍ରଣାଳୟର ବିଶେଷଜ୍ଞ ମୂଲ୍ୟାଙ୍କନ କମିଟି । ଚିଲିକା ମଝିରେ ଥିବା କୃଷ୍ଣପ୍ରସାର ବ୍ଲକର ୧୪ଗୋଟି ପଞ୍ଚାୟତ ବାସୀଙ୍କୁ ଯନ୍ତ୍ରଣାରୁ ମିଳିବ ମୁକ୍ତି । ପରିବେଶ ମଞ୍ଜୁରୀକୁ କୃଷ୍ଣପ୍ରସାଦବାସୀ ସ୍ୱାଗତ କରିଛନ୍ତି । ଚିଲିକା ଉପରେ ହେବାକୁ ଥିବା ସେତୁ ଦେଇ ଭାରି ଯାନ ଚଳାଚଳ ଉପରେ କଟକଣା ରହିବ । ଏନଏଚଏଆଇ ପରିବେଶ ମନ୍ତ୍ରଣାଳୟକୁ ଅବଗତ କରାଇଛି ଯେ ଚିଲିକା ଉପରେ ବ୍ରିଜକୁ ୨ ଲେନରୁ ଅଧିକ କରାଯିବ ନାହିଁ । ଦିନକୁ ଅଳ୍ପ ଗାଡ଼ି ଛଡ଼ା ଯିବ । ସନ୍ଧ୍ୟା ୭ରୁ ସକାଳ ୬ ଯାଏଁ ସେତୁ ଉପରେ ଗାଡି ଚଳାଚଳ ସମ୍ପୂର୍ଣ୍ଣ ବନ୍ଦ ରହିବ ।

ସେତୁ ନିର୍ମାଣ ହେଲେ ସାତପଡ଼ା- କୃଷ୍ଣପ୍ରସାଦ ବ୍ଲକକୁ ସଂଯୋଗ ହେବ । କେନ୍ଦ୍ର ସଡ଼କ ପରିବହନ ମନ୍ତ୍ରୀ ନିତିନ ଗଡ୍କରୀଙ୍କ ପ୍ରସ୍ତାବିତ ସେତୁ ନିର୍ମାଣ ଲାଗି ୫୦୦ କୋଟି ଟଙ୍କା ମୂଲ୍ୟରେ ୮ କିମି ଦୈର୍ଘ୍ୟର ୨ଟି ପ୍ରମୁଖ ସେତୁ ନିର୍ମାଣ ନିମନ୍ତେ ଡିପିଆର ସମ୍ପୂର୍ଣ୍ଣ ହେବ । ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି କହିଛନ୍ତି, ଖୁବ୍ ଶୀଘ୍ର ଏହି କାର୍ଯ୍ୟ ଆଗକୁ ବଢ଼ିବ । କେନ୍ଦ୍ର ସରକାର ଏବଂ ରାଜ୍ୟ ସରକାରଙ୍କ ମଧ୍ୟରେ ଏନେଇ ଆଲୋଚନ ହୋଇଛି । ଆଗାମୀ ଦିନର ଏହି କାର୍ଯ୍ୟକୁ ତ୍ୱରାନିତ କରାଯିବ ।

# କେତେ ସୁରକ୍ଷିତ ଡବା ଓ ଜାର୍ ପାଣି : ଚଢ଼ଉ ଦାବି

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ବିଶୁଦ୍ଧ ପାଣି କହି ଜାର୍ ଡବାରେ ସାଧାରଣ ପାଣି ଭରି ବିକ୍ରି ହେଉଛି । ଲୋକେ ଟଙ୍କା ଦେଇ ବିଶୁଦ୍ଧ ପାଣି ନାଁରେ ବିଶୋଧନ ହୋଇନଥିବା ବୋରୱେଲ ପାଣି ପିଉଥିବା ଅଭିଯୋଗ ହୋଇଆସୁଛି । ମାଲେ ମାଲ୍ ହେଉଛନ୍ତି ପାଣି ବେପାରୀ । ଲାଭକୁ ଦେଖି କୋରପୁଟ ଜିଲ୍ଲା ଜୟପୁର, କୋରାପୁଟ, କୋଟପାଡ଼ ସେମିଳିଗୁଡ଼ା ଆଦି ଅଞ୍ଚଳରେ ପାଣି ଡବା ବା ଜାର ଦୋକାନରେ ବିକ୍ରି ହେଉଛି । ଯାହାକୁ ଯାଞ୍ଚ ନ କରି ହାତ ଗୁଞ୍ଜା ନେଇ ଅନୁମତି ଦିଆଯାଉଥିବା ଅଭିଯୋଗ ହେଉଛି । ସେହିପରି ଯୋଗାଣ ହେଉଥିବା ପାଣି ବିଶୁଦ୍ଧ କି ନାହିଁ ତାହା ମଧ୍ୟ କେବେ ଯାଞ୍ଚ ହେଉନି । ଲୋଙ୍କ ଆଖିରେ ଆଙ୍ଗୁଠି ଗେଞ୍ଜି ଲୁଟିବାରେ ଲାଗିଛନ୍ତି ପାଣି ବେପାରୀ । କୋରାପୁଟ ଜିଲ୍ଲାର ୧୪ଟି ବ୍ଲକରେ ଯୋଗାଇ ଦିଆଯାଉଥିବା ପାଣି ବିଭିନ୍ନ ପଞ୍ଚାୟତରେ ଯଥେଷ୍ଟ ପରିମାଣ ପହଞ୍ଚି ପାରୁନାହିଁ । ତେଣୁ ଅନେକ ଲୋକ ବିଭିନ୍ନ ଫାକ୍ଟ୍ରିରୁ



ଯୋଗାଣ ହେଉଥିବା ପାଣି ଜାର୍ କିଣି ପିଉଛନ୍ତି । ୨୦ ଲିଟର ଜାର୍ ପାଣି ୪୦ରୁ ୪୫ ଟଙ୍କାରେ ବିକ୍ରି ହେଉଛି । ପ୍ରତ୍ୟେକ ଦିନ ବିଭିନ୍ନ ପାଣି ଫାକ୍ଟ୍ରିର କର୍ମଚାରୀ, ଗାଡ଼ିରେ ପାଣି ଜାର୍ ଧରି ଘର, ଦୋକାନ ଓ ଅଫିସ ଆଦି ବୁଲି ଯୋଗାଇ ଦେଉଛନ୍ତି । ସେହିଭଳି ବାହାଘର, ବ୍ରତଘର କିମ୍ବା ଅନ୍ୟ କୌଣସି ସାମୂହିକ କାର୍ଯ୍ୟ ତଥା ଉତ୍ସବରେ ଶତାଧିକ ପାଣି ଜାର୍ ବ୍ୟବହାର କରାଯାଉଛି । ଅନେକ ସମୟରେ ଏହି ପାଣିରେ ଗୁଣ୍ଡ ଭାସୁଥିବାର ଦେଖା ଯାଇଥାଏ । ମାତ୍ର ଲୋକେ ବିଶୁଦ୍ଧ ପାଣି ନାଁରେ ସେ ସବୁକୁ ପାନୀୟ ଭାବେ ବ୍ୟବହାର କରିଥାନ୍ତି । ଯୋଗାଣ ହେଉଥିବା ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଞ୍ଚଳରେ ଥିବାରୁ ପାଣି କମ୍ପାନୀକୁ ଯାଇ ଟିମ୍ ଯାଇ ପୁଙ୍ଖାନୁପୁଙ୍ଖ ଭାବେ ଯାଞ୍ଚ କରିବାକୁ ବୁଦ୍ଧିଜୀବୀ ଦାବି କରିଛନ୍ତି । ନିୟମ ଅନୁସାରେ ପାଣି ଫାକ୍ଟ୍ରି କରିବାକୁ ହେଲେ ଏଥିପାଇଁ ରହିଥିବା ଏସଓପିକୁ ପାଳନ କରିବାକୁ ପଡ଼ିଥାଏ । ଆବଶ୍ୟକୀୟ ଘର, ଜଳ ବିଶୋଧନ ମେସିନ ବସାଇବା ସହ ପାଣି କେଉଁଠୁ ଆସିବ ସେ ନେଇ ସୁନିଶ୍ଚିତ କରିବାକୁ ପଡ଼ିଥାଏ । ବିଆଇଏସ ଟିମ୍ ସହ ଖାଦ୍ୟ ସୁରକ୍ଷା ବିଭାଗ ଯାଞ୍ଚ କରି ପ୍ରମାଣ ପତ୍ର ଦେବା ପରେ ଏହା ଖୋଲିଥାଏ । ମାତ୍ର କମ୍ ଖର୍ଚ୍ଚରେ ଅଧିକ ଲାଭ ହେଉଥିବାରୁ ବିନା ଅନୁମତିରେ ଅନେକ ପାଣି ଫାକ୍ଟ୍ରି ନିକଟସ୍ଥ ବ୍ଲକ ଅଞ୍ଚଳରେ ଖୋଲି ବ୍ୟବସାୟ ଚଳାଇଛନ୍ତି । କିନ୍ତୁ ବିଭାଗ ଏଥିପ୍ରତି ଦୃଷ୍ଟି ଦେଉନାହିଁ । ଜିଲ୍ଲାରେ କେତେ ବେଆଇନ ପାଣି ଫାକ୍ଟ୍ରି ଚାଲିଛି ସେ ନେଇ ପ୍ରଶାସନ ପାଖରେ ଖବର ନାହିଁ । ତେଣୁ ପ୍ରଶାସନ ତଥ୍ୟ ସଗ୍ରହ କରି ଚଢଉ କରିବାକୁ ଦାବି ହୋଇଛି ।

# ବଜ୍ରପାତ ସୁରକ୍ଷା ସଚେତନତା ରଥର ଶୁଭାରମ୍ଭ କଲେ ଜିଲ୍ଲାପାଳ



**କେନ୍ଦୁଝର, ନ୍ୟୁଜ୍ ବ୍ୟୁରୋ**

ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଓ ଜିଲ୍ଲା ପ୍ରଶାସନର ଆନୁକୂଲ୍ୟରେ ବଜ୍ରପାତରୁ ସୁରକ୍ଷା ତଥା ବିଜୁଳି, ଘଡ଼ଘଡ଼ି ସମୟରେ ସଚେତନ ହେବା ନିମନ୍ତେ ଏକ ପ୍ରଚାର ରଥର ଶୁଭାରମ୍ଭ ହୋଇଛି । ଏହାକୁ ଆନୁଷ୍ଠାନିକ ଭାବେ ଜିଲ୍ଲାପାଳ ବିଶାଲ ସିଂହ ସବୁଜ ପତାକା ଦେଖାଇ ଉଦ୍‌ଘାଟନ କରିଛନ୍ତି । ଏହି ରଥ ଜିଲ୍ଲାର ସମସ୍ତ ବ୍ଲକ, ଗ୍ରାମପଞ୍ଚାୟତ ଓ ପୌରାଞ୍ଚଳ ଗସ୍ତ କରି ଲୋକଙ୍କୁ ସଚେତନ କରିବା ସହ ସାମ୍ଭାବ୍ୟ ପ୍ରାକୃତିକ ବିପର୍ଯ୍ୟୟ, ଘଡ଼ଘଡ଼ି, ବିଜୁଳି ସମୟରେ ନିଜକୁ ସୁରକ୍ଷିତ ରଖିବା ପାଇଁ ଗଛ ତଳେ ବା ବୁଦା ନିକଟରେ ଆଶ୍ରୟ ନନେବା, ଖୋଲା ପଡ଼ିଆ ବା କ୍ଷେତରେ ନ ରହିବା, ବିଜୁଳି ମାରିବା ସମୟରେ ବାହାରକୁ ନ ବାହାରିବା, ଘରେ ଥିବା ବେଳେ ଝରକା, କବାଟ ଏବଂ କାନ୍ଥ ଠାରୁ ଛାଡ଼ି କରି ରହିବା ଓ ଅନ୍ୟାନ୍ୟ ସାବଧାନତା ଉପରେ ଲୋକଙ୍କୁ ପ୍ରଚାର ମାଧ୍ୟମରେ ସଚେତନ କରିବ । କେନ୍ଦୁଝର ଜିଲ୍ଲାର ଭୌଗଳିକ ସ୍ଥିତି ଆଧାରରେ ବାରମ୍ବାର ବଜ୍ରପାତ ଘଟୁଥିବା ସମୟରେ ଜିଲ୍ଲାର ସମସ୍ତ ଜନ ସାଧାରଣଙ୍କୁ ସୁରକ୍ଷା ଦେବା ଆମର ପ୍ରଥମ କର୍ତ୍ତବ୍ୟ ଏବଂ ସଚେତନତା ଓ ସତର୍କତା ହିଁ ସୁରକ୍ଷା ବୋଲି ଜିଲ୍ଲାପାଳ ମତବ୍ୟକ୍ତ କରିଥିଲେ । ଆଜିର ଏହି ଉଦ୍‌ଘାଟନ କାର୍ଯ୍ୟକ୍ରମରେ ବନଖଣ୍ଡ ଅଧିକାରୀ ଧନରାଜ ଏଚଡି, ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଳିକ, ଡେପୁଟି କଲେକ୍ଟର ଅଭିଳାଷ ପୁରୋହିତ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ରାଏ, ଜିଲ୍ଲା ମଙ୍ଗଳ ଅଧିକାରୀ ପ୍ରବୀର କୁମାର ଦେଓ ପ୍ରମୁଖ ଉପସ୍ଥିତ ଥିଲେ ଓ ଓଏସଡିଏମଏର ଜିଲ୍ଲା ପ୍ରକଳ୍ପ ସଂଯୋଜକ ଏସକେ ଇଜାଜ ଇକବାଲ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଦୁର୍ଗମ ଅଞ୍ଚଳର ବିକାଶ କରିବାକୁ ବିଡିଓଙ୍କୁ ନିବେଦନ

**ଦାରିଙ୍ଗବାଡ଼ି, ନ୍ୟୁଜ୍ ବ୍ୟୁରୋ**

କନ୍ଧମାଳ ଜିଲା ଦାରିଙ୍ଗବାଡ଼ି ବ୍ଲକର ଦୁର୍ଗମ ୮ ପଞ୍ଚାୟତ ଅଞ୍ଚଳରେ ଅଟକି ରହିଥିବା ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯିବା ସହ ନୂତନ ଯୋଜନାରେ ଲୋକଙ୍କୁ ମୌଳିକ ସୁବିଧା ଯୋଗାଇ ଦେବା ପାଇଁ ବ୍ରାହ୍ମଣୀଗାଁ ଭାଜପା ମଣ୍ଡଳ ସଭାପତି ଗଣେଶ ଡାକୁଆ ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥଙ୍କୁ ଭେଟି ନିବେଦନ ଓ ଆଲୋଚନା କରିଛନ୍ତି । ସେ ମଣ୍ଡଳର ଦାୟିତ୍ୱ ନେବା ପରେ ବିଡିଓ ରଥଙ୍କୁ ସୌଜନ୍ୟମୂଳକ ସାକ୍ଷାତ କରି ଉକ୍ତ ଥାନା ଅଞ୍ଚଳର ଝିଞ୍ଜିରୀଗୁଡ଼ା, ସରାମୁଳି, କିରାମାହା, କିନାରୀଗାଁ, ବ୍ରାହ୍ମଣୀଗାଁ ଅଞ୍ଚଳରେ ରହିଥିବା ମୋବାଇଲ ନେଟ୍‌ୱର୍କ ସମସ୍ୟାର ସମାଧାନ ସହ ପିଇବାପାଣି, ଗମନାଗମନ, ରାସ୍ତା ସମ୍ପ୍ରସାରଣ, ରାସ୍ତା





ମରାମତି ଆଦିର ଉନ୍ନତି ଓ ସମସ୍ୟାର ସମାଧାନ ପାଇଁ ଲିଖିତ ଭାବେ ଜଣାଇଛନ୍ତି ।

ସେହିପରି ଷ୍ଟ୍ରିଟ୍ ଆଲୁଅ ବ୍ୟବସ୍ଥା, ଡ୍ରେନେଜ୍ ସମସ୍ୟା, ପର୍ଯ୍ୟଟନକ୍ଷେତ୍ର ଯୋଗୀ ମଠର ବିକାଶ ଆଦି ଆଲୋଚନା କରିଛନ୍ତି । ବିଡିଓ ରଥ ଏହି ସବୁ କାର୍ଯ୍ୟ ପାଇଁ କାର୍ଯ୍ୟ ଖସଡ଼ା ପ୍ରସ୍ତୁତି କରାଯାଇଛି ଏବଂ ବିକାଶର ପ୍ରକ୍ରିୟା ଚାଲିଛି ଆଗକୁ ଆହୁରି ତ୍ୱରାନ୍ୱିତ କରାଯିବ ବୋଲି ପ୍ରତିଶ୍ରୁତି ମଧ୍ୟ ଦେଇଛନ୍ତି ।

# ଲାଞ୍ଜିଗଡ଼ ବ୍ଲକ ଉନ୍ନୟନ କାର୍ଯ୍ୟରେ ବାଧକ ସାଜିଛି କର୍ମଚାରୀ ଅଭାବ

**ଲାଞ୍ଜିଗଡ, ନ୍ୟୁଜ୍ ବ୍ୟୁରୋ**

ଆକାଂକ୍ଷୀ ଜିଲ୍ଲା ଭାବେ ମାନ୍ୟତା ପାଇବା ପରଠାରୁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଫୋକସ୍‌ରେ ରହିଛି କଳାହାଣ୍ଡି । ଆଦିବାସୀ ଓ ଅନୁସୂଚିତ ବହୁଳ କଳାହାଣ୍ଡି ଜିଲ୍ଲାରେ ରହିଛି ଲାଞ୍ଜିଗଡ଼ ବ୍ଲକ । ଏହି ବ୍ଲକରେ ରହିଛି ୨୬ଗୋଟି ଗ୍ରାମପଞ୍ଚାୟତ ଓ ୪୮୩ ଗୋଟି ରାଜସ୍ୱ ଗାଁ । ବ୍ଲକର ୧୨ରୁ ଅଧିକ ପଞ୍ଚାୟତ ଆଜି ଦୁର୍ଗମ ଅଞ୍ଚଳ ପରିବେଷ୍ଟିତ ହୋଇଥିବାବେଳେ ଶତାଧିକ ଗାଁ ମଧ୍ୟ ଦୁର୍ଗମ ପାହାଡ଼ିଆ ଅଞ୍ଚଳରେ ରହିଛି । ସେହିପରି ସରକାରଙ୍କ ଅନେକ ଯୋଜନା ସହିତ ଲୁପ୍ତପ୍ରାୟ ଜନଜାତିଙ୍କ ପାଇଁ ପ୍ରଧାନମନ୍ତ୍ରୀ ଜନମନ ଯୋଜନା ଓ ଦାଦନ ପ୍ରବଣ ବ୍ଲକ ଭାବେ ମନରେଗାର ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆଦି କାର୍ଯ୍ୟକାରୀ ହେଉଛି । ତେବେ ଲାଞ୍ଜିଗଡ଼ ବ୍ଲକ





ପ୍ରଶାସନ ଦ୍ୱାରା ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଏସବୁ କାର୍ଯ୍ୟକାରୀ ହେଉଥିବାବେଳେ ବ୍ଲକରେ କିନ୍ତୁ ଦେଖାଦେଇଛି କର୍ମଚାରୀ ଅଭାବ ।

ବ୍ଲକରେ ଦୀର୍ଘ ଦିନ ହେଲା ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପଦବୀ ଖାଲି ପଡ଼ିଛି । ଆଜି ପର୍ଯ୍ୟନ୍ତ ଏହି ପଦବୀ ପୂରଣ ପାଇଁ ରାଜ୍ୟ ସରକାରଙ୍କ ସହିତ ଜିଲ୍ଲା ପ୍ରଶାସନ ଆଦୌ ଦୃଷ୍ଟିପାତ କରୁନାହାନ୍ତି । ବ୍ଲକରେ ଚାଲିଥିବା ଉନ୍ନୟନ କାର୍ଯ୍ୟଗୁଡ଼ିକର ରୂପରେଖ ପ୍ରସ୍ତୁତି ବୈଷୟିକ ତଦାରଖ ପାଇଁ ୧୦ଜଣ କନିଷ୍ଠ ଯନ୍ତ୍ରୀଙ୍କ ବଦଳରେ ରହିଛନ୍ତି ସାତଜଣ କନିଷ୍ଠ ଯନ୍ତ୍ରୀ । ଫଳରେ ବ୍ଲକର ଦୁର୍ଗମ ଅଞ୍ଚଳରେ ଉନ୍ନୟନ କାର୍ଯ୍ୟଗୁଡ଼ିକର ଅଗ୍ରଗତି ଓ ତଦାରଖ କରିବାରେ ସମସ୍ୟା ଦେଖାଦେଇଛି । ସେହିପରି ଜଣେ ଏକାଉଣ୍ଟସ ଅଫିସର, ଜଣେ କନିଷ୍ଠ କିରାଣୀ ପଦବୀ ମଧ୍ୟ ଖାଲି ପଡ଼ିଛି । ଏପରିକି ବ୍ଲକର ୨୬ଗୋଟି ପଞ୍ଚାୟତ ପାଇଁ ୨୦ ଜଣ ନିର୍ବାହୀ ଅଧିକାରୀ ରହିଛନ୍ତି, ୬ଟି ପଦବୀ ଖାଲି ପଡ଼ିଛି । ସେହିପରି ୨୬ଗୋଟି ପଞ୍ଚାୟତରେ ୧୮ ଜଣ ଏଡିଇଓ ନିଯୁକ୍ତ ଥିବା ବେଳେ ୮ଟି ପଦବୀ ଖାଲି ପଡ଼ିଛି । କେବଳ ଅଧିକାରୀ କି କର୍ମଚାରୀ ନୁହଁନ୍ତି ବ୍ଲକ କାର୍ଯ୍ୟାଳୟରେ ୬ ଜଣ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବଦଳରେ ମାତ୍ର ୨ ଜଣ ରହିଛନ୍ତି । ଯାହାଫଳରେ ଅଧିକାରୀ ଓ କର୍ମଚାରୀଙ୍କ ଉପରେ କାମର ଚାପ ରହୁଥିବାବେଳେ ବାରମ୍ବାର ସମୀକ୍ଷା ବୈଠକ କରାଯାଉଛି ସତ କିନ୍ତୁ ଖାଲି ଥିବା ପଦବୀ ପୂରଣ ପାଇଁ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଯାହାଦ୍ୱାରା ବ୍ଲକର ବିଭିନ୍ନ କେନ୍ଦ୍ରୀୟ ଓ ରାଜ୍ୟ ଯୋଜନା ପଛେଇ ଯିବାର ଆଶଙ୍କା ଦେଖାଦେଇଛି ।

ବର୍ତ୍ତମାନ ବ୍ଲକର ମୁଖ୍ୟ କିରାଣୀ ଓ ହିସାବ ରକ୍ଷକ ଦାୟିତ୍ୱରେ ଥିବା ଦୁଇଜଣ କର୍ମଚାରୀଙ୍କ ବଦଳି ହୋଇଥିବାବେଳେ ସେମାନଙ୍କ ବଦଳରେ ଅନ୍ୟ କର୍ମଚାରୀ ଆସିବେ ବୋଲି ଜଣାପଡ଼ିଛି । ଲାଞ୍ଜିଗଡ଼ ବ୍ଲକର ବିକାଶ ଓ ଉନ୍ନୟନ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ହେଲେ ବ୍ଲକର ଖାଲି ଥିବା ପଦବୀ ପୂରଣ କରିବା ଏକ ଆହ୍ୱାନରେ ପରିଣତ ହୋଇଛି । ଏଣୁ ଏ ଦିଗରେ ଜିଲ୍ଲା ପ୍ରଶାସନ ତଥା ରାଜ୍ୟ ସରକାର ପଦକ୍ଷେପ ନେବା ସହିତ ପ୍ରାଥମିକତା ଭିତ୍ତିରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ପଦବୀ ପୂରଣ କରିବା ସହିତ ବ୍ଲକର ଉନ୍ନୟନ କାର୍ଯ୍ୟକୁ ଆଗେଇ ନେବାକୁ ଦାବି ହେଉଛି ।

# ନାରୀ ନିର୍ଯାତନା ବିରୁଦ୍ଧରେ ୨୯ରେ କଂଗ୍ରେସର ବିଶାଳ ସମାବେଶ

**ଜୟପୁର, ନ୍ୟୁଜ୍ ବ୍ୟୁରୋ**

ଜୟପୁର ଠାରେ ଆସନ୍ତା ୨୯ ତାରିଖରେ ସମ୍ବିଧାନ ବଞ୍ଚାଓ ଡାକରା ନେଇ କଂଗ୍ରେସର ବିଶାଳ ସମାବେଶ ଅନୁଷ୍ଠିତ ହେବ । ଏନେଇ ଜୟପୁର ସ୍ଥିତ ବାବା ସାହେବ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲା କଂଗ୍ରେସ ତରଫରୁ ଏକ ସାମ୍ବାଦିକ ସମ୍ମିଳନୀ ସହ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା କଂଗ୍ରେସ ସଭାପତି ଶଶି ଭୁଷଣ ପାତ୍ରଙ୍କ ଆହ୍ୱାନ କ୍ରମେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜୟପୁର ବିଧାୟକ ତାରା ପ୍ରସାଦ ବାହିନିପତି, ଲକ୍ଷ୍ମୀପୁର ବିଧାୟକ ପବିତ୍ର ସାଉଁନ୍ତା, ଚିତ୍ରକୋଣ୍ଡା ବିଧାୟକ ମଙ୍ଗୁ ଖିଲ, ରାଜ୍ୟ ମହିଳା ସଭାନେତ୍ରୀ ମିନାକ୍ଷୀ ବାହିନିପତି, ବରିଷ୍ଠ କଂଗ୍ରେସ ନେତା ଜୟରାମ ପାଙ୍ଗି, ପୂର୍ବତନ ବିଧାୟକ ନିମାଇଁ ସରକାର, ପୌର ଅଧ୍ୟକ୍ଷ ନରେନ୍ଦ୍ର କୁମାର ମହାନ୍ତି, ନବରଙ୍ଗପୁର ପୂର୍ବତନ ସଭାପତି ମୁନା ତ୍ରିପାଠୀ, ପିସିସି ସମ୍ପାଦକ ରୁପକ ତୁରୁକ, ଜିଲ୍ଲା ପରିଷଦ ସଭ୍ୟ ପିଙ୍କୁ ଶତପଥି, ବରିଷ୍ଠ କଂଗ୍ରେସ ନେତା ମଦନ ମୋହନ ନାୟକ ପ୍ରମୁଖ ଉପସ୍ଥିତ ଥିଲେ । ଆସନ୍ତା ୨୯ ତାରିଖରେ ଜୟପୁର ଦଶହରା ପଡ଼ିଆରେ ରାଜ୍ୟ ସରକାର ବିରୁଦ୍ଧରେ କଂଗ୍ରେସ ବିଶାଳ ସମାବେଶ କରିବ । ଏହି ସମାବେଶରେ ପିସିସି ସଭାପତି ଭକ୍ତ ଚରଣ ଦାସଙ୍କ ସହ ପ୍ରଭାରି, ଏଆଇସିସିର ସଦସ୍ୟ, ଯୁବ କଂଗ୍ରେସ ସଭାପତି, ଛାତ୍ର କଂଗ୍ରେସ ସଭାପତି ଉପସ୍ଥିତ ରହିବେ । ଏନେଇ ବୋରିଗୁମ୍ମା ଠାରୁ ୫ ହଜାର ବାଇକ୍ ଶୋଭାଯାତ୍ରାରେ ବାହାରି ଜୟପୁର ଦଶହରା ପଡିଆରେ ପହଞ୍ଚିବ । ଏହି ସମାବେଶରେ ୨୫ ହଜାରରୁ ଅଧିକ ଲୋକ ଯୋଗଦାନ କରିବେ ବୋଲି ବିଧାୟକ ତାରା ପ୍ରସାଦ ବାହିନିପତି ସୂଚନା ଦେଇଛନ୍ତି । ରାଜ୍ୟରେ ବଢୁଥିବା ନାରୀ ନିର୍ଯାତନା, ବିଧାନସଭା ଗୃହ ମଧ୍ୟରେ ଶାସକ ଦଳର ଅସାମ୍ବିଧାନିକ କାର୍ଯ୍ୟ ଓ ସରକାରଙ୍କ ବିଫଳତା ପ୍ରତିବାଦରେ କଂଗ୍ରେସ ଦଳ ପକ୍ଷରୁ ସମାବେଶ ହେବ । ଏନେଇ ବିଧାନସଭାରେ ନାରୀ ଅସୁରକ୍ଷିତ ବୋଲି ଦାବି କରିବା ପରେ ଡବଲ ଇଞ୍ଜିନର ସରକାର ଡବଲ ଧୋକା ଦେଲେ । ଏନେଇ ମୋହନ ସରକାର କୈଣସି କମିଟି ନକରି ନାରୀ ସୁରକ୍ଷିତ ଅଛନ୍ତି ବୋଲି ପ୍ରତିକ୍ରିୟା ଦେଇଥିଲେ । ବର୍ତ୍ତମାନ ଆମେରିକାର ରାଷ୍ଟ୍ରପତି ଓଡ଼ିଶାରେ ନାରୀ ଅସୁରିକ୍ଷିତ ବୋଲି ବିବୃତି ଦେବା ସହ ନୋଟିସ ଜାରି କରି ଓଡ଼ିଶା ଯିବାକୁ ମନା କରିଥିଲେ । ଏହାଠାରୁ ଲଜ୍ୟାଜନକ କଥା କିଛି ନାହିଁ ବୋଲି ବିଧାୟକ ବାହିନିପତି ଗଣମାଧ୍ୟମକୁ ସୂଚନା ଦେଇଛନ୍ତି । ପ୍ରସ୍ତୁତି ବୈଠକରେ ନବରଙ୍ଗପୁର ଓ ମାଲକାନଗିରି ଜିଲ୍ଲା ପ୍ରତିନିଧି ସହ କୋରାପୁଟ ଜିଲ୍ଲାର ବ୍ଲକର ସଭାପତି, କଂଗ୍ରେସ ନେତା ଓ କର୍ମୀ ଉପସ୍ଥିତ ଥିଲେ ।

31 YEARS
ସମ୍ବାଦ କଳିକା

# ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶାର ପ୍ରଗତି

କେନ୍ଦ୍ର ଶିକ୍ଷା ମନ୍ତ୍ରଣାଳୟ ପକ୍ଷରୁ ଜାରି ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ତାଲିକାରେ ଶ୍ରେଷ୍ଠ ୫ ରାଜ୍ୟ ମଧ୍ୟରେ ସ୍ଥାନ ପାଇଛି ଓଡ଼ିଶା । ମନ୍ତ୍ରଣାଳୟ ପକ୍ଷରୁ ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସର ୨୦୨୩-୨୪ର ତାଲିକା ଜାରି ହୋଇଛି । ଶ୍ରେଷ୍ଠ ୫ ତାଲିକାରେ ଓଡ଼ିଶା ସମେତ ଚଣ୍ଡିଗଡ଼, ପଞ୍ଜାବ, ଦିଲ୍ଲୀ ଓ ଗୁଜୁରାଟ ସ୍ଥାନ ପାଇଛି ।

ବିଦ୍ୟାଳୟ ଓ ଗଣଶିକ୍ଷା କ୍ଷେତ୍ରରେ ଓଡ଼ିଶା ୨୦୨୨-୨୩ ତୁଳନାରେ ୨୦୨୩- ୨୪ରେ ଦୁଇ ଗୁଣା ଉନ୍ନତି କରିଥିବା ରିପୋର୍ଟରେ ଦର୍ଶାଯାଇଛି । ୨୦୨୨-୨୩ର ପରର୍ଫମାନ୍ସ ଗ୍ରେଡିଂ ଇଣ୍ଡେକ୍ସ ତାଲିକାରେ ଓଡ଼ିଶାର କୌଣସି ଜିଲ୍ଲା ଉତ୍ତମ-୩ ବର୍ଗରେ ନଥିଲା । ମାତ୍ର ୨୦୨୩- ୨୪ ତାଲିକାର ଉତ୍ତମ-୩ ବର୍ଗରେ ରାଜ୍ୟର କେବଳ ଝାରସୁଗୁଡ଼ା ଜିଲ୍ଲା ସ୍ଥାନ ପାଇଛି । ୬ ଶହ ନମ୍ବରରୁ ଝାରସୁଗୁଡ଼ା ୩୮୩ ସ୍କୋର କରିପାରିଛି ।

୨୦୨୨-୨୩ ତାଲିକାରେ ଓଡ଼ିଶାର ୧୨ ଜିଲ୍ଲା ପ୍ରଚେଷ୍ଟା-୧ ବର୍ଗରେ ଥିଲା। ୨୦୨୩-୨୪ ତାଲିକାରେ ଏହା ଦୁଇ ଗୁଣ ବୃଦ୍ଧି ପାଇ ୨୪ରେ ପହଞ୍ଚିଛି । ପ୍ରଚେଷ୍ଟା-୧ ବର୍ଗରେ ଖୋର୍ଦ୍ଧା, କଟକ, ନୂଆପଡ଼ା, ଜଗତସିଂହପୁର, ଅନୁଗୁଳ, କୋରାପୁଟ, ସୁନ୍ଦରଗଡ଼, ନୟାଗଡ଼, ଢେଙ୍କାନାଳ, ଗଞ୍ଜାମ, ସମ୍ବଲପୁର, କେନ୍ଦ୍ରାପଡ଼ା, କଳାହାଣ୍ଡି, ଭଦ୍ରକ, ସୋନପୁର, ବରଗଡ଼, ମାଲକାନଗିରି, ବାଲେଶ୍ୱର, ଦେବଗଡ଼, କେନ୍ଦୁଝର, କନ୍ଧମାଳ, ବୌଦ୍ଧ, ବଲାଙ୍ଗୀର ଓ ଯାଜପୁର ଜିଲ୍ଲା ସ୍ଥାନ ପାଇଛି। ପ୍ରଚେଷ୍ଟା-୨ ବର୍ଗରେ ୨୦୨୨-୨୩ ତାଲିକାରେ ଓଡ଼ିଶାର ୧୮ଟି ଜିଲ୍ଲା ରହିଥିଲା । ୨୦୨୩-୨୪ ବେଳକୁ ଏହି ତାଲିକାରେ କେବଳ ପୁରୀ, ଗଜପତି, ମୟୂରଭଞ୍ଜ, ନବରଙ୍ଗପୁର ଓ ରାୟଗଡ଼ା ଜିଲ୍ଲା ରହିଛି ।

ଉଲ୍ଲେଖଯୋଗ୍ୟ, ରାଜ୍ୟଗୁଡ଼ିକର ବିଦ୍ୟାଳୟ ଶିକ୍ଷାର ଗୁଣାତ୍ମକ ମାନ ଯାଞ୍ଚ କରି ଭାରତ ସରକାରଙ୍କ ଶିକ୍ଷା ମନ୍ତ୍ରଣାଳୟ ପରର୍ଫମାନ୍ସ ଗ୍ରେଡିଂ ଇନଡେକ୍ସ ରିପୋର୍ଟ ପ୍ରକାଶ କରିଥାଏ । ଏଥିରେ ୬ ବର୍ଗର ୭୪ ସୂଚକାଙ୍କରେ ୬ଶହ ନମ୍ବରରୁ ମୂଲ୍ୟାୟନ କରାଯାଇଥାଏ । ଶିକ୍ଷକ ଉପଲବ୍ଧି ଓ ବୃତ୍ତିଗତ ଉନ୍ନତି, ଭିତ୍ତିଭୂମି, ସୁବିଧା ସୁଯୋଗ, ବିଦ୍ୟାଳୟରେ ନିରାପତ୍ତା ବ୍ୟବସ୍ଥା, ଛାତ୍ର ସୁରକ୍ଷା, ଡିଜିଟାଲ୍ ଶିକ୍ଷା, ଉପସ୍ଥାନ, ନେତୃତ୍ୱ ବିକାଶ ପ୍ରମୁଖ ସୂଚକାଙ୍କୁ ବିଚାରକୁ ନିଆଯାଇଥାଏ ବୋଲି ମନ୍ତ୍ରଣାଳୟ ପକ୍ଷରୁ ରିପୋର୍ଟରେ ଉଲ୍ଲେଖ କରାଯାଇଛି ।



ଡାକ୍ତର କୃଷ୍ଣକେଶବ ଷଡଙ୍ଗୀ
ମୋ-୯୪୩୭୫୬୭୩୨୪



# ପରିପାହି ଜନାର୍ଦ୍ଦନ

(ଛନ୍ଦଃ- ତୋଟକମ୍)
ଶିତିଶୈଳପତେ ଜଗଦେକଗତେ
ବୃତଦାସତତିପ୍ରକଟପ୍ରଣତେ ।
ଜୟ ପୁଷ୍ଟଯତେ କରୁଣାର୍ଦ୍ରମତେ
ରଥଯାନଗତିକ୍ରମ ଆଉରତେ ।୧।
ହେ ନୀଳଶୈଳାଧିପତି, ଜଗତର ଏକମାତ୍ର ଗତି, ସେବକମାନଙ୍କ ପ୍ରଣାମଗ୍ରାହୀ, ଯତି(ସାଧୁ)ମାନଙ୍କ ପୋଷକ, କରୁଣାମୟ, ରଥରୂପକ ଯାନର ଗତିକ୍ରମରେ ଆଗ୍ରହୀ ! ତୁମର ଜୟ ହେଉ ।

ରିପୁଖଣ୍ଡନ ଭୂଷଣମଣ୍ଡନ ହେ
କୃତଦୁର୍ମଦପାମରଦଣ୍ଡନ ହେ ।
ବଳଭଦ୍ରସୁଦର୍ଶନଯୁକ୍ତ ହରେ
ସସୁଭଦ୍ର କୃପାଂ କୁରୁ ଚାନୁଚରେ ।୨।
ହେ ଶତ୍ରୁଦଳନକାରୀ, ନାନାବିଧ-ଅଳଙ୍କାରରେ ବିମଣ୍ଡିତ, ଦୁର୍ମଦ-ପାମରମାନଙ୍କ ଦଣ୍ଡଦାତା, ବଳଭଦ୍ର ଓ ସୁଦର୍ଶନଙ୍କ ସହ ଯୁକ୍ତ, ସୁଭଦ୍ରାଙ୍କ ସହ ବିଦ୍ୟମାନ ! ତୁମେ ଅନୁଗତମାନଙ୍କ ଠାରେ କରୁଣା କର ।

ନବନୀରଦସୁନ୍ଦରକାୟକ ହେ
ନବଘସ୍ରମହୋତ୍ସବନାୟକ ହେ ।
ଧୃତବଂଶକିରୀଟ ସୁବର୍ତ୍ତୁଳଦୃକ୍
ପରମେଶ ଭବାଖିଳମଙ୍ଗଳସୃକ୍ ।୩।
ହେ ନବମେଘ ଭଳି ସୁନ୍ଦରଦେହଧାରୀ, ନବଦିନାତ୍ମକଯାତ୍ରାର ନାୟକ, ବାଉଁଶନିର୍ମିତ-କିରୀଟ (ଟାହିଆ)ଧାରୀ, ବର୍ତ୍ତୁଳଦୃଷ୍ଟିଶାଳୀ, ପରମେଶ୍ୱର ! ତୁମେ ସକଳମଙ୍ଗଳର ସ୍ରଷ୍ଟା ହୁଅ ।

ବହୁବାଦ୍ୟରବଶ୍ରବଣପ୍ରବଣ
ପ୍ରଣୟାତୁର ସିନ୍ଧୁସୁତାରମଣ ।
ସ୍ଫୁଟସୂନସୁଗନ୍ଧିତମାଲ୍ୟବହ
କ୍ଷପୟାଘମନଙ୍ଗବିନିନ୍ଦିମହଃ ।୪।
ହେ ବହୁ ବାଦ୍ୟ-ଜନିତ-ନାଦ-ଶ୍ରବଣରେ ପ୍ରବଣ, ପ୍ରେମାତୁର, ରମାରମଣ, ପ୍ରସ୍ଫୁଟିତପୁଷ୍ପପ୍ରସ୍ତୁତ-ସୁରଭିତ-ମାଳାଧର, କନ୍ଦର୍ପନିନ୍ଦି-ତେଜୋମୟ ! ତୁମେ ପାପସମୂହକୁ ବିନଷ୍ଟ କର ।

ପତିତାଧମପାବନ ଦେବବର-
ସ୍ତୁତପାଦସରୋଜ କୃତାରିଦର ।
ଅବ ଦାରବଦେହ ଧୃତାରିଦର
ପ୍ରଣତାର୍ତ୍ତିବିଷାଦବିନାଶକର ।୫।
ହେ ପତିତପାବନ, ଦେବେନ୍ଦ୍ରଙ୍କ ଦ୍ୱାରା ସ୍ତୁତ ପାଦପଦ୍ମଧାରୀ, ଶତ୍ରୁଶ୍ରେଣୀର ଭୟକାରକ, ପ୍ରଣତମାନଙ୍କ ବ୍ୟଥା-ବିଷାଦର ବିନାଶକ, ଦାରୁଦେହଧାରୀ, ଶଙ୍ଖ-ଚକ୍ର-ଧର ! ତୁମେ ରକ୍ଷା କର ।

ଅତିଗୂଢରହସ୍ୟବିଲକ୍ଷଣ ହେ
ଶରଣାଗତପକ୍ଷସୁରକ୍ଷଣ ହେ ।
ଅବତାରବିଧାନବିଚକ୍ଷଣ ହେ
ବିତରାଶିଷମନ୍ନସୁଭକ୍ଷଣ ହେ ।୬।
ହେ ଅତିଗୂଢ-ରହସ୍ୟରେ ଅନନ୍ୟ, ଶରଣାଗତର ପକ୍ଷରକ୍ଷକ, ଅବତାର-ଧାରଣରେ ବିଚକ୍ଷଣ, ଅନ୍ନାଦି-ଭୂରି-ନୈବେଦ୍ୟଗ୍ରାହୀ ! ତୁମେ ଆଶିଷ ବିତରଣ କର ।

ଜନନାଳୟସଞ୍ଚଳନାକୁଳ ହେ
କୃତଲୀଳ ବିତୀର୍ଣ୍ଣଶିବାତୁଳ ହେ ।
ସ୍ଥିତିପାବିତମେଚକକନ୍ଦର ହେ
ଭବ ତାପପୟୋନିଧିମନ୍ଦର ହେ ।୭।
ହେ ଜନ୍ମବେଦି (ଗୁଣ୍ଡିଚାମନ୍ଦିର)ଗମନ ନିମନ୍ତେ ଆକୁଳ, ଲୀଳାମୟ, ଶୁଭଦାୟକ, ଅତୁଳନୀୟ, ସ୍ୱସ୍ଥିତିରେ ନୀଳାଦ୍ରିକନ୍ଦରର ପାବନକାରୀ ! ତୁମେ ତ୍ରିତାପରୂପକ ସମୁଦ୍ରର ମନ୍ଥନରେ ମନ୍ଦରଗିରିସଦୃଶ ହୁଅ । ଅର୍ଥାତ୍ ତ୍ରିତାପ (ଆତ୍ମିକ, ଭୌତିକ ଓ ଦୈବିକ ତାପ)ର ବିନାଶକ ହୁଅ ।

ଅରୁଣାଧରକଳ୍ପିତହାସ୍ୟରସ
ତ୍ରିଦଶବ୍ରଜକଳ୍ପିତଶୁଭ୍ରଯଶଃ ।
ପରିପାହି ଜନାର୍ଦ୍ଦନ ଶାନ୍ତିମୟଂ
କୁରୁ ବିଶ୍ୱମିଦଂ ହର ବାଦଭୟମ୍ ।୮।
ହେ ଅରୁଣବର୍ଣ୍ଣମୟ-ଅଧରରେ ଜାତ ଶୁଭ୍ର-ହାସ୍ୟରସଯୁକ୍ତ, ଦେବବୃନ୍ଦଙ୍କ ଦ୍ୱାରା କୀର୍ତ୍ତିତ-ଯଶୋଧର, ହେ ଜନାର୍ଦ୍ଦନ ! ତୁମେ ଯୁଦ୍ଧଭୟକୁ ପ୍ରଶମିତ କରି ବିଶ୍ୱକୁ ଶାନ୍ତିମୟ କର ।

କବିକେଶବକୃଷ୍ଣକୃତସ୍ତବନଂ
ବିପଠନ୍ ହରିଭକ୍ତିସୁଧାଭବନମ୍ ।
ଜନ ଏବ ସମେତି ମୁଦା ରୁଚିରଂ
ଜଗଦୀଶ ଇମଂ ପରିପାତି ଚିରମ୍ ।।ଫଳଶ୍ରୁତିଃ।।
କବି କୃଷ୍ଣକେଶବ-କୃତ ଏହି ସ୍ତବକୁ ପାଠ କରୁଥିବା ବ୍ୟକ୍ତି ରୁଚିମୟ-ହରିଭକ୍ତିସୁଧାଭଣ୍ଡାରକୁ ସାଦର ପ୍ରାପ୍ତ ହୁଅନ୍ତି । ଜଗଦୀଶ୍ୱର ମହାପ୍ରଭୁ ମଧ୍ୟ ସେହି ବ୍ୟକ୍ତିଙ୍କୁ ସର୍ବଦା ରକ୍ଷା କରିଥାନ୍ତି ।



ପ୍ରଭାତ କୁମାର ମହାପାତ୍ର
ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ, କୋରାପୁଟ
ମୋ - ୭୮୯୪୦୦୫୪୫୫

# କରୁଣାମୟ ଶ୍ରୀ ଜଗନ୍ନାଥ

ଓଡ଼ିଶାର ମଉଡମଣି ଶ୍ରୀ ଜଗନ୍ନାଥ। ତାଙ୍କ କରୁଣାରେ ଏ ସାରା ବିଶ୍ୱ ବ୍ରହ୍ମାଣ୍ଡ ପରିଚାଳିତ। ତାଙ୍କ ଲୀଳାର ପଟାନ୍ତର ନାହିଁ। ଗୀତଗୋବିନ୍ଦର ମହାକବି ଜୟଦେବ ଏକଦା ଶ୍ରୀ ଜଗନ୍ନାଥଙ୍କ ଗୀତ ଗାନ କରି କରି ଯାତ୍ରାରେ ଭ୍ରମଣ କରୁଥିବା ସମୟରେ ଜଣେ ରାଜା ତାଙ୍କର ଉପଦେଶ ବାଣୀ ତଥା ଶ୍ରୀ ଜଗନ୍ନାଥଙ୍କ ମହିମା ଶୁଣି ବିଶେଷ ରୂପେ ପ୍ରଭାବିତ ହୋଇ ତାଙ୍କୁ ଅନେକ ଦାନ ଦକ୍ଷିଣା ପ୍ରଦାନ କଲେ। ଜୟଦେବ ଖୁସି ମନରେ ଗ୍ରହଣ କରି ଶ୍ରୀ ଜଗନ୍ନାଥଙ୍କ ଗୀତ ଗାନ କରି ସେଠାରୁ ଫେରିବା ବାଟରେ କିଛି ଚୋର ତାଙ୍କ ଠାରୁ ରାଜା ପ୍ରଦାନ କରିଥିବା ସମସ୍ତ ଧନରତ୍ନ ସବୁକିଛି ଛଡେଇ ନେଇ ଧରା ପଡ଼ିବା ଭୟରେ ଜୟଦେବଙ୍କ ହାତ ଗୋଡ ବାନ୍ଧି ତାଙ୍କୁ ଅକଥନୀୟ ଅତ୍ୟାଚାର କରି ଏକ କୂଅରେ ପକେଇ ଦେଇ ଚାଲିଗଲେ। କିନ୍ତୁ କଥାରେ ଅଛି, ରଖେ ହରି ମାରେ କିଏ, ମାରେ ହରି ରଖେ କିଏ!! ଶ୍ରୀ ଜଗନ୍ନାଥଙ୍କ ଅପାର କରୁଣାରୁ ସେହି କୂଅଟି ଶୁଖିଲା ଥିବାରୁ ସେ ନୂଆ ଜୀବନ ପାଇଲେ। ଜୟଦେବ ଏସବୁ ଶ୍ରୀ ଜଗନ୍ନାଥଙ୍କ ଲୀଳା ବୋଲି ଜାଣି ପାରି ସେହି କୂଅ ଭିତରେ ହିଁ ମଧୁର ସ୍ୱରରେ ଜଗନ୍ନାଥଙ୍କ ଭଜନ ଗାନ କରିବାକୁ ଆରମ୍ଭ କରି ଦେଲେ। ସଂଯୋଗ



ବଶତଃ ସେହି ସମୟରେ ରାଜା ଗନ୍ଧର୍ବ ସେନ ସେଇ ମାର୍ଗ ଦେଇ ଯାଉଥିଲେ। ହଠାତ୍ ସେହି ମଧୁର ଲଳିତ ସ୍ୱର ଶୁଣି ସେ ସେଠାରେ ଅଟକି ଗଲେ। ନିକଟକୁ ଯାଇ ଦେଖିଲେ ଯେ, ସେଠାରେ ମହା କବି ଜୟଦେବ ଶ୍ରୀ ଜଗନ୍ନାଥଙ୍କ ଭଜନ ଅତି ଭକ୍ତି ଭାବରେ ଗାନ କରୁଛନ୍ତି। ରାଜା ଗନ୍ଧର୍ବ ସେନ ସୈନ୍ୟ ମାନଙ୍କୁ ଡକାଇ ଜୟଦେବଙ୍କୁ କୂଅ ଭିତରୁ ବାହାରକରି ନିଜ ରାଜଧାନୀକୁ ନେଇ ଗଲେ। ଜୟଦେବଙ୍କ ବିଦ୍ୱତ୍ତା ତଥା ଶ୍ରୀଜଗନ୍ନାଥଙ୍କ ପ୍ରତି ଭକ୍ତି ଭାବ ଦେଖି ଏତେ ପ୍ରଭାବିତ ହେଲେ ଯେ, ନିଜ ପଞ୍ଚ ସଭାରେ ପ୍ରଧାନ ସେବକ ଭାବେ ନିଯୁକ୍ତି କରି ଦେଲେ। ଏମିତି କିଛି ଦିନ ଯିବା ପରେ ଦିନେ ରାଜା ଗନ୍ଧର୍ବ ସେନ ଏକ ଉତ୍ସବରେ ଭିକ୍ଷୁମାନଙ୍କ ଲାଗି ଭୋଜନର ଆୟୋଜନ କଲେ। ଏହା ଶୁଣି ଅନେକ ଭିକ୍ଷୁ ଆସି ଉପସ୍ଥିତ ହୋଇ ପରମାନନ୍ଦ ଲାଭ କଲେ। ଏହି ଭୋଜନ କଥା ସେହି ଚୋରମାନେ ମଧ୍ୟ ଜାଣି ପାରି ବ୍ରାହ୍ମଣ ବେଶ ଧରି ସେଠାରେ ଉପସ୍ଥିତ ହେଲେ। କିନ୍ତୁ ପହଞ୍ଚିବା କ୍ଷଣି ସେଠାରେ ଜୟଦେବ ଥିବା ଜାଣି ତାଙ୍କ ପିଳେହି ପାଣି ହୋଇ ଗଲା। ଇତି ମଧ୍ୟରେ ଜୟଦେବଙ୍କ ମଧ୍ୟ ସେହି ଚୋର ମାନଙ୍କ ଉପରେ ଦୃଷ୍ଟି ନିକ୍ଷେପ ହେଲା। ସେ ରାଜାଙ୍କୁ କହି ଚୋରରୂପି ବ୍ରାହ୍ମଣମାନଙ୍କୁ ଅଧିକ ଦାନ ଦକ୍ଷିଣା ଦେବା ପାଇଁ ଅନୁରୋଧ କଲେ। ରାଜା ଗନ୍ଧର୍ବ ସେନ ମଧ୍ୟ ଜୟଦେବଙ୍କ କଥା ରଖି ଅଧିକ ଦକ୍ଷିଣା ଦେବା ସହ ସସମ୍ମାନେ ପହଞ୍ଚାଇବା ପାଇଁ ସୈନ୍ୟ ମାନଙ୍କୁ ଆଦେଶ ଦେଲେ। ଯିବା ବାଟରେ ସେହି ସୈନ୍ୟ ମାନେ ପ୍ରଧାନ ସେବକଙ୍କୁ କିଭଳି ଜାଣନ୍ତି ବୋଲି ବ୍ରାହ୍ମଣ ବେଶ ଧାରି ଚୋର ମାନଙ୍କୁ ପଚାରିଲେ। ସେହି ଚୋର ମାନଙ୍କ ମୁଖ୍ୟ ଯିଏ ଥିଲା ସେ ପୁଣି ମିଛ କହିବାକୁ ଲାଗିଲା, ଆରେ ଭାଇ, ସେ ବ୍ୟକ୍ତି ମହା ଧୂର୍ତ୍ତ ଅଟେ। ସେ ବ୍ୟକ୍ତି ଆମ ଭଳି ରାଜ କର୍ମଚାରୀ ଥିଲା। କିନ୍ତୁ ତା ଦ୍ୱାରା ରାଜକୋଷ ଖାଲି ହେବା ଯୋଗୁ ରାଜା ତାକୁ ମୃତ୍ୟୁ ଦଣ୍ଡ ଦେଲେ। ଆମର ଅନେକ ଅନୁନୟ ବିନୟ ପରେ ରାଜା ତାର ମୃତ୍ୟୁ ଦଣ୍ଡ କୋହଳ କରି ହାତ ଗୋଡ ଭାଙ୍ଗି ବାହାରେ ଫିଙ୍ଗି ଦେଇ ଆସିବାକୁ ଆଦେଶ ଦେଲେ। ଆମକୁ ଦେଖି ଜାଣି ପାରି ଆମର ଉପକାର କରିବା ବଦଳରେ ଆମକୁ ଅଧିକ ଯତ୍ନ ନେବା ପାଇଁ ରାଜାଙ୍କୁ କହିଥିବ। ଚୋର ମାନଙ୍କ ମୁଖର କଥା ନ ସରୁଣୁ ହଠାତ୍ ଭୂମି ଫାଟିଗଲା ଏବଂ ସମସ୍ତ ଚୋର ସେହି ଭୂମି ତଳେ ଚାପି ହୋଇ ମୃତ୍ୟୁ ବରଣ କଲେ। ସୈନ୍ୟମାନେ ସେଠାରୁ ଫେରି ଆସି ସବୁ କଥା ରାଜା ଓ ଜୟଦେବଙ୍କ ସାମ୍ନାରେ କହିବାରୁ ଜୟଦେବ ଖୁବ୍ ଦୁଃଖ ପ୍ରକାଶ କଲେ। ସେ କହିଲେ, ମୁଁ ସେମାନଙ୍କୁ ପାପ କର୍ମରୁ ନିବୃତ୍ତ ରହିବା ପାଇଁ ଚେଷ୍ଟା କରିଥିଲି। କିନ୍ତୁ ଭଗବାନଙ୍କୁ ଏତିକି ପ୍ରାର୍ଥନା କରିବି ଯେ, ସେମାନଙ୍କ ଦୋଷକୁ କ୍ଷମା କରି ସଦ୍‌ଗତି ପ୍ରଦାନ କରନ୍ତୁ। ଏହି ଶବ୍ଦ ଶୁଣିବା ମାତ୍ରେ ରାଜମହଲର ସମସ୍ତ କର୍ମଚାରୀମାନଙ୍କ ମୁଖରୁ ଆପେ ଆପେ ବାହାରି ପଡ଼ିଲା, ଜୟ ଜଗନ୍ନାଥ ସ୍ୱାମୀ କୀ ଜୟ !! ମହା କବି ଜୟଦେବ ଜୀ କି ଜୟ !!!! ଜୟ ଜଗନ୍ନାଥ !!!



ବିଜୟଲକ୍ଷ୍ମୀ ପଟ୍ଟନାୟକ
ଚନ୍ଦ୍ରଶେଖର ପୁର, ଭୁବନେଶ୍ୱର ୧୬
ମୋ-୮୮୯୫୨୭୪୭୯୪

# ଭକତ ନିମନ୍ତେ ତୋର ଶଂଖଚକ୍ରେ ଚିହ୍ନ



ତରଙ୍ଗ କଲ୍ଲୋଳିତ ସୁନୀଳ ସାଗର, ସ୍ୱର୍ଣ୍ଣାଭ ବାଲୁକାକୀର୍ଣ୍ଣ ବିସ୍ତୀର୍ଣ୍ଣ ରମଣୀୟ ବେଳାଭୂମି, ତାଳତମାଳ ନାରୀକେଳ ବୃକ୍ଷରାଜିର ଶୋଭନ ସବୁଜିମା-ତା ଭିତରେ ବିଶ୍ୱମୟ ପରମ ସତ୍ୟ, ପରମ ଭାଗବତ, ସତ୍ ଚିତ୍ ଆନନ୍ଦର ମୂର୍ତ୍ତିମନ୍ତ ପୁରୁଷ ଶ୍ରୀଜଗନ୍ନାଥ । ହେ ନାରୀ-ବଦନ- କମଳ- ସ୍ୱାଦ- ମଧୁପ, ହେ ନୀଳଭୂଧରଭୂଷିତ ପରମ ପାବନ କୃପି ପାରାବାର , ହେ ନୀଳଶୈଳର ନୀଳକନ୍ଦରାନନ୍ଦ, ହେ କୃପାସିନ୍ଧୁ, ସର୍ବ ଭବରୋଗର ବୈଦ୍ୟ ତୁମ ଚରଣକମଳରେ କୋଟି କୋଟି ପ୍ରଣାମ ନିବେଦନ କରୁଛୁ ଆମେ ଦୀନ ଅକିଞ୍ଚନମାନେ ।

ଡେଣାମେଲି ଉଡିବାର ପ୍ରବଣତା ନୁହେଁ , ଭୂମିଲଗ୍ନା ହେବାର ଶୁଭ ମୁହୂର୍ତ୍ତର ସଂକଳ୍ପ ସେହି ଓଡିଆ ତତ୍ତ୍ୱର ଜୀବନବୋଧର ଜୀବରେ ତାଙ୍କର ସହାବସ୍ଥାନ। ମହା ମାନବୀୟ ଯଜ୍ଞବେଦୀରେ ତାଙ୍କୁ ସମର୍ପଣର ଆହୁତି ଦେବାକୁ ଠିଆ ଜନସମୁଦ୍ର। ଜାତୀୟ ଉତ୍ତରଣର ସମୁଦ୍ରରେ ତାଙ୍କର ଶ୍ରଦ୍ଧାମୟ ସନ୍ତରଣ ଓ ଲୋକତନ୍ତ୍ରରେ ଦୁଷ୍ଟ ଶକ୍ତିର ପ୍ରତିରୋଧ କରି ପତିତ ଜନଙ୍କୁ ଉଦ୍ଧାର ତାଙ୍କର ସଂକଳ୍ପ । ସେଇଥିପାଇଁ ସେ ଓଡିଆଙ୍କ ହୃଦୟରେ ତିଆରିଛନ୍ତି ଚାଖଣ୍ଡେ ଜାଗା । ତାଙ୍କ ଭଜନ ଜଣାଣ କବିତା ଓ କଥାରେ ଥାଏ ଚଳମାନ ବିଶ୍ୱରେ ମାନବବାଦର କଥା । ସେ ଛୁଇଁ ଯାଆନ୍ତି ଭକ୍ତର ହୃଦୟକୁ, ତିନ୍ତିଯାଆନ୍ତି ଭକ୍ତର ଭାବରେ । ନୀଳଗିରି ପର୍ବତରେ ସମସ୍ତ ପାପର ତ୍ରାଣକର୍ତ୍ତା ବିଷ୍ଣୁରୂପୀ ନୀଳମାଧବଙ୍କର ଦାରବ ଲୀଳା ମହୋତ୍ସବମୟ କୋଳାହଳମୟ ଆନନ୍ଦମୟ ।

ଓଡିଶାର ଧର୍ମ ପରମ୍ପରା ରୀତିନୀତି ସବୁ ଗୋଟିଏ ସ୍ଥାନରେ ଠୁଳ । ତେଣୁ ଗୋପବନ୍ଧୁ ଲେଖିଲେ -
ଉତ୍କଳେ ନେତାର ନାହିଁ ପ୍ରୟୋଜନ
ଉତ୍କଳର ନେତା ସ୍ୱୟଂ ନାରାୟଣ ।

ଜଗନ୍ନାଥ ଧର୍ମ ସର୍ବଧର୍ମର ସମନ୍ୱୟ । ଏକତ୍ୱରେ ବହୁତ୍ୱ ଓ ଦିବ୍ୟତ୍ୱ। ପ୍ରବହମାନ କାଳସ୍ରୋତରେ ଭିନ୍ନ ଭିନ୍ନ ତରଙ୍ଗରେ ଏହି ସଂସ୍କୃତିର ସୂକ୍ଷ୍ମାତିସୂକ୍ଷ୍ମ ଧାର୍ମିକ ବିବେଚନା ବାସ୍ତବରେ ରହସ୍ୟମୟ । ବେଦ, ବ୍ରାହ୍ମଣ୍ୟ, ଆରଣ୍ୟକ, ଉପନିଷଦ, ଯନ୍ତ୍ର-ମନ୍ତ୍ର-ତନ୍ତ୍ର, ଶାସ୍ତ୍ର - ସ୍ତୋତ୍ର, ସୂତ୍ର- ଭାଷ୍ୟ, ପିଟକ-ଓଷା-ବ୍ରତ, କଥା-କିମ୍ବଦନ୍ତୀ ବହୁରୂପରେ ବିରାଜିତ ଦାରୁବ୍ରହ୍ମ । ଶୈବ, ଶାକ୍ତ, ଜୈନ ବୌଦ୍ଧ, ସୌର ଗାଣପତ୍ୟ, ରାମାନୁଜୀ ରାମାନନ୍ଦୀ, ମାଧ୍ୱ , ଚୈତନ୍ୟ, ନାନକ ଶଙ୍କର - ଏହି ମହାସମୁଦ୍ର ପୀଠରେ କିଏ ଅବଗାହନ ନ କରିଛି ଯେ ! ବେଦ ବର୍ଣ୍ଣିତ ନିରାକାର ନିର୍ଗୁଣ ଦାରୁବ୍ରହ୍ମଙ୍କୁ ସାକାର ରୂପ ଦେବା ପାଇଁ ଜଗନ୍ନାଥଙ୍କ ବିଗ୍ରହର ପରିକଳ୍ପନା - ବୈଦିକ ତତ୍ତ୍ୱସମ୍ମତ ଅଥଚ ପାରମ୍ପାରିକ ମୂର୍ତ୍ତି ତତ୍ତ୍ୱର ଏକ ବ୍ୟତୀକ୍ରମ ।

ସେ ମାଧବରୁ ନୀଳମାଧବ ନୀଳମାଧବରୁ ଦାରୁବ୍ରହ୍ମ ପୁରୁଷୋତ୍ତମ। ଓଡିଶାର କେଉଁ ପୂଣ୍ୟଫଳେ ସାରା ପୃଥିବୀରେ ଜଗନ୍ନାଥ ଦର୍ଶନର ଏଇ ଘୋଷଯାତ୍ରା ପରିବର୍ଦ୍ଧିତ ଭଙ୍ଗୀରେ ଆଜି ଉଭା ହୋଇଛି । ଋକବେଦ, ପ୍ରାଚ୍ୟଭୂଖଣ୍ଡ ତଥା ସଂପୂର୍ଣ୍ଣ ବିଶ୍ୱର ପ୍ରାଚୀନତମ ଦର୍ଶନଗ୍ରନ୍ଥ, ଧର୍ମଗ୍ରନ୍ଥ, ଆଧାତ୍ମିକ ଗ୍ରନ୍ଥ ବୋଲି ବିବେଚିତ ଗ୍ରନ୍ଥରେ ଦାରୁବ୍ରହ୍ମ ଦାରବବ୍ରହ୍ମ ସମ୍ପର୍କରେ ଉଲ୍ଲେଖ ରହିବା ଯେତିକି ବିସ୍ମୟକର ସେତିକି ଆନନ୍ଦ ଦାୟକ । ହାତ ନାହିଁ ଅଥଚ ବାହୁ ପ୍ରସାରି ସମସ୍ତଙ୍କୁ ଆଲିଙ୍ଗନ କରନ୍ତି, ପାଦ ନାହିଁ ଅଥଚ ତ୍ରିଭୁବନକୁ ଯାତ୍ରାକରନ୍ତି, ଆଖିରେ ପଟଳ ନାହିଁ ଚକା ଚକା ଆଖିରେ ବିଶ୍ୱକୁ ଦେଖନ୍ତି । କାନ ନାହିଁ ସାରା ସଂସାରର ଦୁଃଖକୁ କାନଡେରି ଶୁଣନ୍ତି । କିଏ କଲା ଏ ରୂପ ? ଇଏ କଣ ଗୋଟେ ରୂପ ! ଗୁଣ୍ଡିଚା ରାଣୀ ଜିଦ୍ କରି କବାଟ ଖୋଲେଇବାରୁ କଣ ଏପରି ରୂପ ହେଲାକି ? ନା ସେ ନିଜେ ଏପରି ରୂପ ହେବାକୁ ଚାହିଁଲେ ! ଚାଲିଛି ମନ ବଡଦାଣ୍ଡରେ ଘୋର ଘର୍ଘର ନାଦରେ ବ୍ରହ୍ମରଥ । ଚର୍ମଚକ୍ଷୁ ପବିତ୍ର ହେଇଯାଉଛି । ଆତ୍ମା ସହ ପରମାତ୍ମାଙ୍କ ମିଳନ, ଭକ୍ତ ସହ ଭଗବାନଙ୍କର ମିଳନ । ଭକ୍ତ ଭଗବାନଙ୍କ ମିଳନର ଏ ଅବଧି ପୁଣି ନବ ଦିନାତ୍ମକ। ବିଶ୍ୱର ବିସ୍ମୟ ଚିର ରହସ୍ୟମୟ ପ୍ରଭୁ ଶ୍ରୀ ଜଗନ୍ନାଥ ମହାପ୍ରଭୁଙ୍କ ରଥଯାତ୍ରା ବିଶ୍ୱ ପ୍ରସିଦ୍ଧ । ଏହି ଯାତ୍ରାକୁ ନବଦିନାତ୍ମକଯାତ୍ରା, ଆଡପମଣ୍ଡପଯାତ୍ରା , ଗୁଣ୍ଡିଚା ଯାତ୍ରା, ଜନ୍ମବେଦୀ ଯାତ୍ରା, ଘୋଷ ଯାତ୍ରା ବୋଲି ଅଭିହିତ କରାଯାଏ । ମହାପ୍ରଭୁଙ୍କର ବାରମାସରେ ତେରଯାତ୍ରା ମଧ୍ୟରୁ ରଥଯାତ୍ରା ହିଁ ଶ୍ରେଷ୍ଠ ଯାତ୍ରା । ସ୍ନାନ ପୂର୍ଣ୍ଣିମା ଓ ରଥଯାତ୍ରାରେ ପ୍ରଭୁ ରତ୍ନସିଂହାସନ ତ୍ୟାଗ କରନ୍ତି । କବି ସମ୍ରାଟ ଉପେନ୍ଦ୍ର ଭଞ୍ଜଙ୍କ ଭାଷାରେ -

'ସ୍ନାନ ଗୁଣ୍ଡିଚା ଏ ବେନି ସ୍ୱୟଂ ଲୀଳା ଯାର ପତିତପାବନ ଅର୍ଥେ ପ୍ରାସାଦୁ ବାହାର ।'

ଏହା ଭକ୍ତ ଭଗବାନଙ୍କର ଅପୂର୍ବ ମିଳନର ଯାତ୍ରା , ଭକ୍ତ ସହିତ ମିଳିତ ହେବାଲାଗି ପ୍ରଭୁ ଆଜି ରତ୍ନସିଂହାସନ, ରତ୍ନବେଦୀ ଛାଡି, ଷାଠିଏ ପଉଟି ଭୋଗ ଓ ଛପନ ଭୋଗର ମୋହ ଛାଡି ଓହ୍ଲାଇ ଆସିବେ ବଡଦାଣ୍ଡକୁ । ସାରା ଜଗତରେ ଏପରି କୌଣସି ଦେବତା ନାହାନ୍ତି ଯିଏକି ସମସ୍ତ ଭୋଗ ଐଶ୍ୱର୍ଯ୍ୟ ତ୍ୟାଗ କରି ଚାଲି ଆସନ୍ତି ଭକ୍ତଙ୍କ ଗହଣକୁ, ତାର ସୁଖ ଦୁଃଖ ବୁଝିବା ସହିତ ମନ ଭିତରର ଅବ୍ୟକ୍ତ ବେଦନାକୁ ଦୂରିଭୂତ କରିବା ନିମନ୍ତେ । ସେଥିପାଇଁ ସେ ହେଉଛନ୍ତି ଜଗତର ନାଥ ଶ୍ରୀ ଜଗନ୍ନାଥ । ସେ ଭକତର ପରାଣମିତ । ସେ ପୁଣି ଭକ୍ତଙ୍କର ପ୍ରାଣର ପବନ ଓ ହୃଦର ଚନ୍ଦନ । ସେ ଭକ୍ତ ପ୍ରାଣ , ଭକ୍ତ ହିଁ ତାଙ୍କର ସବୁକିଛି । ସେ ଭକ୍ତ ଲାଗି ପାଗଳ । ଭକ୍ତ ବ୍ୟତୀତ ସେ କ୍ଷଣେ ମାତ୍ର ରହି ପାରନ୍ତି ନାହିଁ । ଭକ୍ତକୁ ସବୁବେଳେ ଦେଖିବା ପାଇଁ ଆଖିରେ ପଲକ ପଡେନାହିଁ । ରଙ୍ଗ ଅଧରରେ ହାସ୍ୟରେଖା ଖେଳାଇ ଦୁଇ ବାହୁ ପ୍ରସାରିତ କରି କୋଳେଇନେବେ ଭକ୍ତଙ୍କୁ ଆଲିଙ୍ଗନ କରିବେ । ଧନ୍ୟ ମହାପ୍ରଭୁ , ଧନ୍ୟ ତୁମର ଭକତ ପ୍ରୀତି ।

ଭକତ ତୋ ପିତା ମାତା ଭକତ ତୋ ବନ୍ଧୁ/ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ/ ନାମ କୃପାସିନ୍ଧୁ/ଏକା ତୋ ଭକତ ଜୀବନ/ଭକତ ନିମନ୍ତେ ତୋର ଶଂଖଚକ୍ରେ ଚିହ୍ନ/ ଶଂଖଚକ୍ରେ ଚିହ୍ନ ...

ଯୁଗେ ଯୁଗେ ମହାପ୍ରଭୁଙ୍କର ଭକତ ପ୍ରୀତିର ଅନେକ ଉଦାହରଣମାନ ଶାସ୍ତ୍ରମାନଙ୍କରେ ରହିଅଛି । ସତ୍ୟ ଯୁଗରେ ଭକ୍ତ ଧ୍ରୁବର ଆକୁଳ ପ୍ରାର୍ଥନାରେ ଗୋଲକ ଧାମ ତ୍ୟାଗ କରି ପ୍ରଭୁ ଚାଲି ଆସିଥିଲେ ଧରାପୃଷ୍ଠକୁ । ଭକ୍ତକୁ ଦେଇଥିଲେ ଦିବ୍ୟ ଦର୍ଶନର ସୁଯୋଗ । ଧ୍ରୁବଲୋକରେ ରହିବା ପାଇଁ ଯାଚି ଦେଇଥିଲେ ବର। ସେହିପରି ଭକ୍ତ ପ୍ରହଲ୍ଲାଦକୁ ଅସହ୍ୟ ଦୁଃଖ ଯନ୍ତ୍ରଣାରୁ ଉଦ୍ଧାର କରିବା ପାଇଁ ଖମ୍ବ ଭିତରୁ ଏକ ବିଚିତ୍ର ରୂପରେ ଉଭା ହୋଇଥିଲେ ନରସିଂହ ରୂପେ । ସବୁ ଦୁଃଖଯନ୍ତ୍ରଣାର ହେତୁ ତାର ପିତା ନରସିଂହକୁ ନଖରେ କଲେ ବିଦାରଣ । ଭକ୍ତ ବଳିକୁ ଦର୍ଶନ ଦେବାଲାଗି ପହଞ୍ଚି ଥିଲେ ତାର ଦ୍ୱାର ଦେଶରେ ବାମନ ଅବତାର ରୂପରେ । ପୁଣି ସାଜିଥିଲେ ତାର ଦ୍ୱାରପାଳ।

ତ୍ରେତୟା ଯୁଗରେ ପ୍ରଭୁ ରାମ ଅବତାରରେ ଅଜ୍ଞାନୀ କୈବର୍ତ୍ତର ଜିଦ୍ ନିକଟରେ ହାର୍ ମାନି ବଢାଇ ଦେଇଥିଲେ ପାଦ । କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ଗାଇଲେ -
ବଢାଇଦେଲେ ପୟର ଭାବଗ୍ରାହୀ ରଘୁବୀର
ଶୁଣିଲିଣି ପଥରେ ପଥର ଅବଳା
ଧୂଳିପଡି ତୋ ଚରଣୁ ଆଶଙ୍କା ଉପୁଜେ ଏଣୁ
ନଉକା ନାଉକା ହେଲେ ବୁଡିବ ଭେଳା
ବୃତ୍ତି ଏ ମୋ ପୋଷେ କୁଟୁମ୍ବ
ବସାଇ ନ ଦେବି ନାବ ନ ଧୋଇ ପାଦ ।
'ବିଜ୍ଞାନୀ କୈବର୍ତ୍ତ ଧୋଇଲା
ବିଶ୍ୱେ ପତିତପାବନ ନାମ ରହିଲା ।'

ମୁନିମାନଙ୍କର ଅନ୍ତରର ଭାବକୁ ବୁଝି ଅନ୍ତର୍ଯ୍ୟାମୀ ଭାବଗ୍ରାହୀ ସେମାନଙ୍କୁ ଦର୍ଶନ ଦେଇଥିଲେ ଏବଂ ସେମାନଙ୍କ ମନୋଭୀଷ୍ଟ ପୂରଣ କରିବା ପାଇଁ ଆଉଗୋଟେ ଜନ୍ମ ନେଇ ସଙ୍ଗସୁଖ ପ୍ରଦାନ କରିଥିଲେ । ମାତଙ୍ଗ ଋଷି ବର୍ଷ ବର୍ଷ ତପସ୍ୟାର ଫଳ ସ୍ୱରୂପ ଯାହା ପାଇ ନ ଥିଲେ ତାହା ପାଇଥିଲା ତାଙ୍କ ଶିଷ୍ୟା ଶ୍ରମଣା ଶବରୀ। ଯାଇଥିଲେ ଶବରୀର ଆଶ୍ରମକୁ ଆଉ ତାର ଉଚ୍ଛିଷ୍ଟ ଫଳ ଭକ୍ଷଣ କରିଥିଲେ ଆନନ୍ଦରେ । ଭକ୍ତର ଭକ୍ତି ନିକଟରେ ସବୁବେଳେ ସେ ବନ୍ଧା ପଡିଥାନ୍ତି। ସେହିପରି ଦ୍ୱାପର ଯୁଗରେ ପ୍ରଭୁ କୃଷ୍ଣ ଅବତାରରେ ଭକ୍ତଙ୍କୁ ଉଦ୍ଧାର କରିବା ପାଇଁ ଦଉଡିରେ ବନ୍ଧା ହୋଇ ଯାମଳାର୍ଜୁନଙ୍କୁ ଉଦ୍ଧାର କରିଥିଲେ । ଅସୁନ୍ଦରୀ କୁବୁଜା ପାଖରେ ପହଞ୍ଚି ତାର ଚନ୍ଦନ ଗ୍ରହଣ କରି ତାକୁ ଦିବ୍ୟ ସୁନ୍ଦର ତନୁ ପ୍ରଦାନ କରିଥିଲେ । ଅଦ୍ୟାବଧି ମଥୁରାରେ ଏକ ମନ୍ଦିରରେ କୁବୁଜା ସହିତ ପୂଜା ପାଉଛନ୍ତି ରସରାଜ ଶ୍ରୀକୃଷ୍ଣ । ଦୁର୍ଯ୍ୟୋଧନଙ୍କ ବିଭିନ୍ନ ରାଜକୀୟ ବ୍ୟଞ୍ଜନ ତ୍ୟାଗ କରି ବିଦୂରଘରେ ଶାଗଭଜା ଅନ୍ନ ଖାଇବାକୁ ଉଚିତ୍ ମନେ କରିଥିଲେ ଭାବଗ୍ରାହୀ । ଭକ୍ତ ସୁଦାମାର ଚିରା ଗାମୁଛାରୁ ଛଡାଇ ଆଣି ଭକ୍ଷଣ କରିଥିଲେ ଖୁଦଭଜା । ପ୍ରତିଦାନରେ ଦେଇଥିଲେ ବିଳାସପୂର୍ଣ୍ଣ ପ୍ରାସାଦ ସହିତ ଅନ୍ନ ବ୍ୟଞ୍ଜନ ସବୁ । ହେ ମହାପ୍ରଭୁ ଆପଣ ଯୁଗେ ଯୁଗେ ଭକତ ଭାବରେ ବନ୍ଧା ।
ସେତ ଭକତ ଭାବରେ ବନ୍ଧାରେ
ସେତ ଭକତ ଜୀବନ ଧନ
ତୁ ତାକୁ ଖୋଜିଲେ ସେ ତୋତେ ଖୋଜଇ
ସିଏ ଜୀବ ତୁ ଜୀବନରେ
ଊଣା କର ନାହିଁ ମନ ... ସେତ ଭକତ ...
ଭକତ ତୋ ମାତା ପିତା ଭକତ ତୋ ବନ୍ଧୁ
ଭକତ ନିମନ୍ତେ ତୋର ନାମ କୃପାସିନ୍ଧୁ...

ଆପଣ ଆଉ କାଳବିଳମ୍ବ ନ କରି ଓହ୍ଲାଇ ଆସନ୍ତୁ ଶ୍ରୀମନ୍ଦିରରୁ । ଆପଣଙ୍କ ପ୍ରିୟ ଦଇତାପତିମାନେ ଆପଣଙ୍କ ସେବା ନିମନ୍ତେ ସଜ୍ଜିତ ହେଇଗଲେଣି ।

ଝୁଲି ଝୁଲି ହଲି ହଲି ଆସନ୍ତୁ ଆପଣ ପହଣ୍ଡିରେ । ପିନ୍ଧନ୍ତୁ ଟାହିଆ । ଘଣ୍ଟଘଣ୍ଟା କାହାଳି ବାଦ୍ୟ ସହିତ ଭକ୍ତ କଣ୍ଠରୁ ଝରିଆସୁ ଜୟ ଜଗନ୍ନାଥ, ଜୟ ଜଗନ୍ନାଥ । ରଥ ପ୍ରସ୍ତୁତ । ପଥ ପ୍ରସ୍ତୁତ । କୋଠାବାଡି ଗଛପତ୍ର ପ୍ରସ୍ତୁତ । ରୁଣ୍ଡ ହୋଇଛନ୍ତି ଭକତଗଣ। ବଡଦାଣ୍ଡ ଜନାକୀର୍ଣ୍ଣ । ସୋରିଷ ପକେଇବାକୁ ଜାଗା ନାହିଁ । ବଡଦାଣ୍ଡରେ ମୁଣ୍ଡ ମାଳର ଲହରୀ । ଭକ୍ତ ଭୂଲୁଣ୍ଠିତ । ଭକ୍ତ ଆଜି ଧୂଳିଧୂଷରିତ। ନାହିଁ ହାତ ନାହିଁ ଗୋଡ । ନାହିଁ କାନ । କିଏ ତେବେ ଯାଉଛି, ଶୁଣୁଛି, କରୁଛି ? ସବୁ ସେଇ ଦାରୁବ୍ରହ୍ମ କରୁଛି, ଶୁଣୁଛି, ଯାଉଛି । ଭକ୍ତ ଏଠି କଣ ତୋତେ ମାଗିବ । ତୋତେ ଦେଖିଦେଲେ ତ ସେ ସବୁ ଭୁଲିଯିବ । ତାଆଖିରେ ତୋ ଚକା ଆଖି ମିଶିଗଲେ ତା ଆଖିରୁ ଝର ଝର ଲୁହ ଝରିଯିବ । ସେ ଅଟକେଇ ପାରିବନି ସେ ଲୁହକୁ । ସେ ଖାଲି କହିବ -
ଜଗନ୍ନାଥ ହୋ ....କିଛି ମାଗୁନାହିଁ ତୋତେ
ଧନ ମାଗୁନାହିଁ ଜନ ମାଗୁନାହିଁ
ମାଗୁଛି ଶରଧା ବାଲିରୁ ହାତେ ......

ପ୍ରଭୁ ଏଣେ ବଡଦାଣ୍ଡରେ ଭକ୍ତର ଗୁହାରି ଶୁଣି ଶୁଣି ଦୁଇ ପାର୍ଶ୍ୱକୁ ଚାହିଁ ଚାହିଁ ଚାଲୁଛନ୍ତି । ଟିକେ ରହୁଛନ୍ତି ।

ରଥ ଆଗରେ ଜନୈକ ଗୌରବର୍ଣ୍ଣ ସନ୍ୟାସୀ । ମହାମନ୍ତ୍ର ହରେ କୃଷ୍ଣ ହରେରାମ ନିତାଇ ଗୌର ରାଧେ ଶ୍ୟାମ - ଗାଇ ଗାଇ ନାଚି ନାଚି ଧୂଳିରେ ଲୋଟି ପଡୁଛନ୍ତି। ମଝିରେ ମଝିରେ ମୂର୍ଚ୍ଛା ଯାଉଛନ୍ତି । ପାର୍ଷଦମାନେ ଜଳ ସିଞ୍ଚନ କରୁଛନ୍ତି । ନଦୀୟା ନବଦ୍ୱୀପର ବାସିନ୍ଦା ଶ୍ରୀ ଚୈତନ୍ୟ ଦେବ । ଆସିଛନ୍ତି ରଥରେ ଦର୍ଶନ ନିମନ୍ତେ । ଭାବବିଭୋର ହୋଇ ଧାର ଧାର ଲୁହ ବୋହିଯାଉଛି । ଆହା । କି ଭାବ , କିଭକ୍ତି। ନ ଦେଖିଲେ କିଏ କଳିକାଳର ମନୁଷ୍ୟ ବିଶ୍ୱାସ କରିବ ଅବା! ଅନତି ଦୂରରେ ରଥକୁ ଆଉଜି ଛିଡା ହୋଇଛନ୍ତି ଜନୈକ ଶ୍ମଶ୍ରୁଧାରୀ ବୃଦ୍ଧ । ଆଖିକୁ ଦିଶୁନାହିଁ, ଦୀର୍ଘ ସମୟ ଧରି ଠିଆ ହୋଇ ରହିଛନ୍ତି ରଥକୁ ଭରା ଦେଇ। ସେ ଆଉ କେହି ନୁହଁନ୍ତି , ଆପଣଙ୍କ ଭକ୍ତ ଯାହାକୁ ଆପଣ ଦର୍ଶନ ଦେବା ଲାଗି ରଥକୁ ଅଟକାଇ ଓହ୍ଲାଇ ଯାଇଥିଲେ ବାଲିରଥକୁ , ଆଉ ତାଙ୍କର ମାନରକ୍ଷା କରିଥିଲେ । ଭକ୍ତର ଅପମାନ କଣ ଆପଣଙ୍କ ଅପମାନ ନୁହେଁ କି ? କେମିତି ସହିଥାନ୍ତେ । ଆଉ ଟିକେ ଦୂରରେ ବାଡିଖଣ୍ଡେକୁ ଭିରା ଦେଇ ଠିଆ ହୋଇଛନ୍ତି ଭକ୍ତ ଦାସିଆ । ମନେ ଅଛିନା ସାଆନ୍ତେ , ଇଏ ସେଇ ଦାସିଆ ଯାହା ହାତରୁ ଆପଣ ବିଶାଳ ଲମ୍ବ ହାତରେ ନଡିଆ ନେଇଯାଇଥିଲେ । ସେ ମଧ୍ୟ ଜଗିବସିଛି ସେଇ ହାତକୁ ଦେଖିବ, ଦେଖିବ ସେ ଚକାଆଖିକୁ ଯିଏ ଅନ୍ଧାରରେ ବି ଦେଖିପାରେ ଭକ୍ତକୁ । ବୃଦ୍ଧ ସେ ତଥାପି ଏ ଆଶା କଣ କିଏ ଛାଡିପାରେ ! ପ୍ରଭୁ, ବଳଗଣ୍ଡିଠାରେ ଆଉ ଜଣେ ଭକ୍ତ ଅପେକ୍ଷା କରିଛି ଆପଣଙ୍କ ଦର୍ଶନ ପାଇଁ। ମନେ ଅଛିତ , ବିଧର୍ମୀ ମୁସଲମାନ ବୋଲି ସେ ମନ୍ଦିର ମଧ୍ୟକୁ ଯାଇ ପାରୁ ନ ଥିଲା । ତେଣୁ ସେ ସିଂହଦ୍ୱାର ନିକଟକୁ ନ ଯାଇ ପାରି ତୁମକୁ ସେହି ଜାଗାରେ ଦର୍ଶନ କରିବେ ବୋଲି ଠିଆ ହେଇଛନ୍ତି । ଆଉ ଗାଇଚାଲିଛନ୍ତି ଗୋଟିଏ ପରେ ଗୋଟିଏ ଭଜନ -
'ଆହେ ନୀଳଶଇଳ ପ୍ରବଳ ମତ୍ତ ବାରଣ
ମୋ ଆରତ ନଳିନୀ ବନକୁ କର ଦଳନ '
ପୁଣି -
'କେଣେ ଘେନିଯାଉଛ ଜଗନ୍ନାଥଙ୍କୁ
ଆମ୍ଭେ ଦର୍ଶନ କରିବୁ କାହାକୁ .....'

ତାଳି ମାରି ଭଜନ ଗାଇ ଗାଇ ଅଥୟ ହୋଇଗଲେଣି । ଆସନ୍ତୁ ପ୍ରଭୁ ସେଇ ସାଲବେଗ ଯାହାଙ୍କ ପାଇଁ ଆପଣ ରଥ ଅଟକେଇ ଅପେକ୍ଷା କରିଥିଲେ ସେ ଆସିବାକୁ । ସେ ଅପେକ୍ଷା କରିଛନ୍ତି ଆପଣଙ୍କୁ ଆପଣ ତାଙ୍କୁ ଦର୍ଶନ ଦିଅନ୍ତୁ ପ୍ରଭୁ !

ଏ ମହୋଦଧି ପାଖରୁ ଆସୁଛନ୍ତି ଆଉଜଣେ ବୃଦ୍ଧ ଭକ୍ତ ଗାଇ ଗାଇ
ନମସ୍ତେ ପ୍ରଭୁ ଜଗନ୍ନାଥ, ଅନାଥ ଜନଙ୍କର ନାଥ। ରାଧା ଅଙ୍ଗରେ ଜନ୍ମିତ ଗୌରବର୍ଣ୍ଣ ଶୁଭ୍ର ବସନ ପରିହିତ ଭକ୍ତ ଜଗନ୍ନାଥ ଦାସ । ସାତଲହଡି ମଠରୁ ବାଡି ଖଣ୍ଡିଏ ଧରି ଧୀରେ ଧୀରେ ପଦପାତ କରି ଆସୁଛନ୍ତି ଆପଣଙ୍କୁ ଦର୍ଶନ କରିବା ପାଇଁ । ଆପଣଙ୍କୁ ରଥରେ ଦର୍ଶନ କଲେ ପୁନର୍ଜନ୍ମ ହୁଏନାହିଁ ବୋଲି ସେ ଗାଉଛନ୍ତି -
'ରଥେ ତୁ ବାମନଂ ଦୃଷ୍ଟ୍ୱା ପୁନର୍ଜନ୍ମ ନ ବିଦ୍ୟତେ'

ଅଦୂରରେ ଅପେକ୍ଷାରେ ଅଛନ୍ତି ଅଚ୍ୟୁତ, ଅନନ୍ତ, ଯଶୋବନ୍ତ, ହାଡି ଦାସଙ୍କ ଠାରୁ ଆରମ୍ଭ କରି ଦୀନକୃଷ୍ଣ, ଉପେନ୍ଦ୍ର, ଅଭିମନ୍ୟୁ, ଗୋପାଳକୃଷ୍ଣ, ବନମାଳୀ, ଗୌରଚରଣ, ବେଣୁଧର, ଭକ୍ତଚରଣଙ୍କ ପର୍ଯ୍ୟନ୍ତ କେତେ ଲମ୍ବା ଧାଡି ତାର କଳନା ନାହିଁ ପ୍ରଭୁ । ଘଣ୍ଟ ଘଣ୍ଟା ନାଦରେ ପ୍ରକମ୍ପିତ ବଡଦାଣ୍ଡ । ଗଗନ ପବନ ପ୍ରକମ୍ପିତ, ପ୍ରକମ୍ପିତ ବଡଦାଣ୍ଡ । ମଙ୍ଗଳ ମୁହୂର୍ତ୍ତ ଉପଗତ । ଧାଡି ପହଣ୍ଡିରେ ଜଗନ୍ନାଥ ବିଜେ କରୁଛନ୍ତି ରଥାରୁଢ ହେଉଛନ୍ତି। ଦର୍ଶନରେ ସାର୍ଥକ ଜୀବନ, ଜନ୍ମ, ଚାରି ପୁରୁଷାର୍ଥ- ଧର୍ମ ଅର୍ଥ କାମ ମୋକ୍ଷ । ଆସନ୍ତୁ ମହାବାହୁ , ଦର୍ଶନ ଦିଅନ୍ତୁ । ଶତକୋଟି ଦଣ୍ଡବତ ପ୍ରଣାମ ଆପଣଙ୍କୁ ମଣିମା । ଆପଣଙ୍କ ରଥକୁ, ସେ ପଥକୁ, ସେ ବଡଦାଣ୍ଡକୁ ସେ ଦାରବଦିଅଁଙ୍କୁ ।

Printed & Published by Basanti Roy on behalf of Integral Publication Pvt. Ltd., Printed at Gayatri Industries, Plot No. TS 3/193, Mancheswar Industrial Estate, Bhubaneswar- 751010, Odisha & Published at 464, Saheed Nagar, Bhubaneswar- 751007 Ph. : 2541448, 2545046, 2545678, Fax : 2545668.
Editor : Jayasish Roy
E-mail : sambadkalikanews@gmail.com City Office : Qtr No.-4R-12, Unit-IX (Flat), Bhubaneswar, Pin-751022
ସମ୍ପାଦକ : ଜୟାଶୀଷ ରାୟ

## କ୍ରିକେଟରେ ୮ଟି ବଡ଼ ପରିବର୍ତ୍ତନ କଲା ଆଇସିସି

# ବଦଳିଲା କ୍ୟାଚ୍ ନିୟମ, ଟେଷ୍ଟରେ ଲାଗୁ ହେବ ଷ୍ଟପ୍ କ୍ଲକ୍ ରୁଲ୍

**ନୂଆଦିଲ୍ଲୀ**

ଜୁଲାଇ ୨ ତାରିଖରୁ ଅନ୍ତର୍ଜାତୀୟ କ୍ରିକେଟରେ ବହୁତ କିଛି ପରିବର୍ତ୍ତନ ହେବାକୁ ଯାଉଛି। ଆଇସିସି ଅନ୍ତର୍ଜାତୀୟ କ୍ରିକେଟ ପାଇଁ ଅନେକ ନୂତନ ନିୟମ ଏବଂ ଖେଳର ନିୟମାବଳୀରେ ପରିବର୍ତ୍ତନକୁ ଅନୁମୋଦନ କରିଛି। ଏହି ପରିବର୍ତ୍ତନଗୁଡ଼ିକରେ ଦିନିକିଆରେ ୩୫ତମ ଓଭରରୁ କେବଳ ଗୋଟିଏ ବଲ ବ୍ୟବହାର କରିବାର ନିୟମ ରହିଛି। ଏହା ସହିତ ଆଇସିସି ଟେଷ୍ଟରେ ଷ୍ଟପ କ୍ଲକ ନିୟମ ଲାଗୁ କରିଛି। ଯଦି କ୍ୟାଚ୍ ସ୍ପଷ୍ଟ ନ ହୁଏ ଏବଂ ତଥାପି ଖେଳାଳି ଦାବି କରନ୍ତି ଯେ ବ୍ୟାଟ୍ସମ୍ୟାନ ଆଉଟ ହୋଇଛନ୍ତି, ତେବେ ଏହାକୁ ନୋ ବଲ ଘୋଷଣା କରାଯିବ।

ଟେଷ୍ଟ କ୍ରିକେଟରେ ଷ୍ଟପ୍ କ୍ଲକ୍ : ଟି-୨୦ ଏବଂ ଏକଦିବସୀୟ କ୍ରିକେଟରେ ଷ୍ଟପ୍ କ୍ଲକ୍ ନିୟମ ଲାଗୁ କରିବାର ଗୋଟିଏ ବର୍ଷ ପରେ, ଏବେ ଆଇସିସି ଏହାକୁ ଟେଷ୍ଟରେ ମଧ୍ୟ ଲାଗୁ କରିବାକୁ ନିଷ୍ପତ୍ତି ନେଇଛି। ଟେଷ୍ଟରେ ସ୍ଲୋ ଓଭର ରେଟ୍ ଏକ ବଡ଼ ସମସ୍ୟା ପାଲଟିଛି। ଏବେ ନୂତନ ଆଇସିସି ନିୟମ ଅନୁଯାୟୀ, ଫିଲ୍ଡିଂ ଦଳକୁ ଓଭର ଶେଷ ହେବାର ଗୋଟିଏ ମିନିଟ ମଧ୍ୟରେ ପରବର୍ତ୍ତୀ ଓଭର ଆରମ୍ଭ କରିବାକୁ ପଡିବ। ଯଦି ଦଳ ଏପରି ନ କରନ୍ତି, ତେବେ ଅମ୍ପାୟାରଙ୍କଠାରୁ ଦୁଇଟି ଚେତାବନୀ ମିଳିବ। ଏହା ପରେ ଯଦି ଏହାର ପୁନରାବୃତ୍ତି ଘଟେ ତେବେ ପ୍ରତିଥର ପାଞ୍ଚ ରନ ପେନାଲଟି ଲାଗିବ। ୮୦ ଓଭର ପରେ ଚେତାବନୀ ପୁଣି ଥରେ ମିଳିବ। ଏହି ନିୟମ କେବଳ ୨୦୨୫-୨୭ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପାଇଁ ପ୍ରଯୁଜ୍ୟ।

ସଟ୍ ରନ୍ ଉପରେ ବଡ଼ ଦଣ୍ଡ : ଆଇସିସି ମଧ୍ୟ ସଟ ରନ ପ୍ରସଙ୍ଗରେ ଏକ ବଡ଼ ନିଷ୍ପତ୍ତି ନେଇଛି। ପୂର୍ବରୁ ଜାଣିଶୁଣି ସଟ୍ ରନ୍ ନେବା ପାଇଁ ପାଞ୍ଚ ରନର ପେନାଲଟି ଲାଗୁ କରାଯାଉଥିଲା। କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ଜାଣିଶୁଣି ଅତିରିକ୍ତ ରନ ଚୋରି କରିବା ପାଇଁ ରନ ପୂରଣ କରନ୍ତି ନାହିଁ, ତେବେ ଅମ୍ପାୟାର ଫିଲ୍ଡିଂ ଦଳକୁ ପଚାରିବେ ଯେ ସେମାନେ କେଉଁ ବ୍ୟାଟରଙ୍କୁ ଷ୍ଟ୍ରାଇକ୍‌ରେ ଚାହାନ୍ତି। ଏହା ବ୍ୟତୀତ ସଟ୍ ରନ୍ ନେଉଥିବା ବ୍ୟାଟରଙ୍କ ଦଳ ଉପରେ ପାଞ୍ଚ ରନର ପେନାଲଟି ଲାଗୁ ହେବ। କିନ୍ତୁ ଏହି ନିୟମ ସେତେବେଳେ ଲାଗୁ ହେବ ଯେତେବେଳେ ଅମ୍ପାୟାର ଅନୁଭବ କରିବେ ଯେ ବ୍ୟାଟର ଅମ୍ପାୟାରଙ୍କୁ ଠକିବା ପାଇଁ ଏମିତି କରୁଛନ୍ତି।

ଯଦି ଲାଳ ଲଗାଯାଏ, ତେବେ ବଲ ପରିବର୍ତ୍ତନ ହେବ ନାହିଁ : ଆଇସିସି ବଲ ଉପରେ ଲାଳ ପ୍ରୟୋଗକୁ ନିଷିଦ୍ଧ କରିଥିଲା କିନ୍ତୁ ବଡ଼ ପରିବର୍ତ୍ତନ ହେଉଛି। ଯଦି ଅମ୍ପାୟାର ବଲ ଉପରେ ଲାଳ ପାଆନ୍ତି, ତେବେ ଏହାକୁ ତୁରନ୍ତ ପରିବର୍ତ୍ତନ କରାଯିବ ନାହିଁ। ଏହି ନିୟମ ଏଥିପାଇଁ ଲଗୁ କରାଯାଇଛି। ଯଦ୍ୱାରା ଯେମିତି ଦଳଗୁଡ଼ିକ ବଲ ପରିବର୍ତ୍ତନ କରିବା ପାଇଁ ଜାଣିଶୁଣି ଲାଳ ବ୍ୟବହାର ନ କରନ୍ତି। ଏବେ ଅମ୍ପାୟାର ବଲ ପରିବର୍ତ୍ତନ ସେତେବେଳେ ପରିବର୍ତ୍ତନ କରିବେ। ଯେବେ ଏହାର ଅବସ୍ଥାରେ ଏକ ବିରାଟ ପରିବର୍ତ୍ତନ ଆସିବ, ଯେପରିକି ବଲ ବହୁତ ଓଦା କିମ୍ବା ଏଥିରେ ଅତିରିକ୍ତ ଚମକ ଅଛି। ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ଭାବରେ ଅମ୍ପାୟାରଙ୍କ ନିଷ୍ପତ୍ତି ଆଧାରରେ ହେବ। ଯଦି ଅମ୍ପାୟାର ଅନୁଭବ କରନ୍ତି ଯେ ଲାଳ ବ୍ୟବହାର ଯୋଗୁଁ ବଲ ଅବସ୍ଥା ବହୁତ ପରିବର୍ତ୍ତନ ହୋଇନାହିଁ, ତେବେ ବଲ ପରିବର୍ତ୍ତନ ହେବ ନାହିଁ।



ଆଉଟ ନିଷ୍ପତ୍ତି ପରେ ପ୍ରୋଟୋକଲରେ ପରିବର୍ତ୍ତନ : ଆଇସିସି ଡିଆରଏସ ପ୍ରୋଟୋକଲରେ ମଧ୍ୟ ବଡ଼ ପରିବର୍ତ୍ତନ କରିଛି। ଧରି ନିଅନ୍ତୁ ଜଣେ ବ୍ୟାଟରଙ୍କୁ କ୍ୟାଚ୍ ଆଉଟ୍ ଦିଆଯାଉଛି, ଏହା ପରେ ବ୍ୟାଟର ଅମ୍ପାୟରଙ୍କ ନିଷ୍ପତ୍ତି ବିରୋଧରେ ରିଭ୍ୟୁ ମାଗୁଛନ୍ତି ଆଲଟ୍ରାଏଜରେ ଜଣାପଡୁଛି ଯେ, ବଲ ବ୍ୟାଟରେ ନ ବାଜି ପ୍ୟାଡ୍‌ରେ ବାଜୁଛି ଏମିତି ସ୍ଥିତିରେ କ୍ୟାଚ୍ ଆଉଟ୍ ଖାରଜ ହେବା ପରେ ଟିଭି ଅମ୍ପାୟର ଦ୍ୱିତୀୟ ଡିସମିସାଲ ଭାବେ ଏଲବିଡବ୍ଲୁର ଯାଞ୍ଚ କରନ୍ତି ପ୍ରଥମେ ଯଦି କ୍ୟାଚ ଆଉଟ ନ ଥାଆନ୍ତି ତେବେ ଏଲବିଡବ୍ଲୁ ପାଇଁ ଡିଫଲ୍ଟ ନିର୍ଣ୍ଣୟ ନଟଆଉଟ ରହୁଥିଲା। ମାତ୍ର ନୂଆ ନିୟମ ଅନୁସାରେ ଯେବେ ଏଲବିଡବ୍ଲୁ ପାଇଁ ବଲ ଟ୍ରାକିଙ୍ଗ ଗ୍ରାଫିକ ଦେଖାଯିବ ଏବଂ ବ୍ୟାଟର ଯଦି ଏଠାରେ ଆଉଟ ହୁଅନ୍ତି ତେବେ ତାଙ୍କୁ ପାଭିଲିୟନ ଫେରିବାକୁ ପଡ଼ିବ।

ଯଦି ବ୍ୟାଟରଙ୍କ ବିରୁଦ୍ଧରେ ଦୁଇଟି ଅପିଲ : ଆଇସିସି ଅମ୍ପାୟାର ଏବଂ ଖେଳାଳି ସମୀକ୍ଷା ପ୍ରକ୍ରିୟାରେ ମଧ୍ୟ ଏକ ବଡ଼ ପରିବର୍ତ୍ତନ କରିଛି ଅର୍ଥାତ ପୂର୍ବରୁ ଟିଭି ଅମ୍ପାୟାର ପ୍ରଥମେ ଅମ୍ପାୟାରଙ୍କ ସମୀକ୍ଷା ଏବଂ ତା'ପରେ ଖେଳାଳିଙ୍କ ସମୀକ୍ଷା ବିଚାର କରୁଥିଲେ, କିନ୍ତୁ ନୂତନ ନିୟମ ଅନୁଯାୟୀ, ଯଦି ବ୍ୟାଟର ପ୍ରଥମ ଘଟଣାରେ ଆଉଟ ହୁଅନ୍ତି, ତେବେ ବଲ ଡେଡ୍ ହୋଇଯିବ। ଦ୍ୱିତୀୟ ସମୀକ୍ଷା ଆଦୌ ଯାଞ୍ଚ କରାଯିବ ନାହିଁ। ଉଦାହରଣ ସ୍ୱରୂପ, ଯଦି ଏଲବିଡବ୍ଲୁ ଏବଂ ରନ ଆଉଟ ପାଇଁ ଆବେଦନ ହୁଏ, ତେବେ ଟିଭି ଅମ୍ପାୟାର ପ୍ରଥମେ ଏଲବିଡବ୍ଲୁ ଯାଞ୍ଚ କରିବେ। କାରଣ ଏହା ପ୍ରଥମେ ଘଟିଥିଲା। ଯଦି ବ୍ୟାଟ୍ସମ୍ୟାନ ଆଉଟ ହୁଅନ୍ତି, ତେବେ ବଲ ସେଠାରେ ଡେଡ୍ ହୋଇଯିବ।

କ୍ୟାଚ ଉପରେ ମଧ୍ୟ ବଡ଼ ନିୟମ ପରିବର୍ତ୍ତନ : ଆଇସିସି କ୍ୟାଚ ସମ୍ପର୍କରେ ଏକ ବଡ଼ ନିୟମ ମଧ୍ୟ ପରିବର୍ତ୍ତନ କରିଛି। ପୂର୍ବେ ନିୟମ ଅନୁସାରେ ଯଦି କୌଣସି ଖେଳାଳି କ୍ୟାଚ ଧରୁଛନ୍ତି ଏହା ପରେ ଥାର୍ଡ ଅମ୍ପାୟର ଏହା ନୋ ବଲ ବୋଲି ଜଣାଇବା ପରେ କ୍ୟାଚ୍ ଠିକ୍‌ରେ ନିଆଯାଇଛି କି ନାହିଁ ତା'ର ଯାଞ୍ଚ ହେଉ ନ ଥିଲା। କିନ୍ତୁ ଏବେ ଟିଭି ଅମ୍ପାୟର ନୋ ବଲ ପରେ ବି ଏହା ଦେବ ଯେ, କ୍ୟାଚ୍ ଠିକ୍‌ରେ ଧରା ଯାଇଛି କି ନାହିଁ। ଯଦିଓ କ୍ୟାଚ୍ ଠିକ୍‌ରେ ଧରା ଯାଇଛି ତେବେ ନୋ ହିସାବରେ ବ୍ୟାଟର ନଟ୍‌ଆଉଟ୍ ରହିବେ ଏବଂ ନୋ ବଲ କାରଣରୁ କେବଳ ଗୋଟିଏ ରନ ମିଳିବ। ଯଦି କ୍ୟାଚ୍ ଠିକ୍‌ରେ ଧରା ଯାଇ ନ ଥିବ ତେବେ ବ୍ୟାଟର ସେହି ସମୟରେ ଯେତେ ରନ ଦୌଡ଼ିଥିବେ ତାହା ସବୁ ମିଳିବ।

ଏହି ଦୁଇଟି ବଡ଼ ପରିବର୍ତ୍ତନ ମଧ୍ୟ କରିଛି ଆଇସିସି : ଆଇସିସି ଏକଦିବସୀୟ କ୍ରିକେଟ୍‌ରେ ୩୫ତମ ଓଭର ପରେ ଗୋଟିଏ ନୂତନ ବଲ୍ ବ୍ୟବହାର କରିବାକୁ ଅନୁମତି ଦେଇଛି। ଏହା ଏବେ ଡେଥ୍ ଓଭରରେ ଦ୍ରୁତ ବୋଲରମାନଙ୍କୁ ସାହାଯ୍ୟ କରିବ। ଏହା ବ୍ୟତୀତ, ଆଇସିସି ବାଉଣ୍ଡରୀରେ କ୍ୟାଚ୍ ନିୟମରେ ମଧ୍ୟ ପରିବର୍ତ୍ତନ କରିଛି। ଯଦି କୌଣସି ଖେଳାଳି ବାଉଣ୍ଡରୀ ଟଚ୍ କରିବା ସମୟରେ ବଲ ଧରୁଛନ୍ତି, ତେବେ ଏହାକୁ ବେଆଇନ ବିବେଚନା କରାଯିବ। ଫିଲ୍ଡରମାନେ ବାଉଣ୍ଡରୀ କେବଳ ଥରେ ବଲ୍‌କୁ ବାଉନ୍ସ କରି ବଲ୍‌କୁ ଧରିପାରିବେ।

## ନଭେମ୍ବରରେ ୨୦୨୫ ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା




**ନୂଆଦିଲ୍ଲୀ**

ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୦୨୫ ଚଳିତ ବର୍ଷ ନଭେମ୍ବରରେ ରାଜସ୍ଥାନର ଜୟପୁରରେ ଅନୁଷ୍ଠିତ ହେବ। ଚଳିତ ବର୍ଷ ୨୦୦ରୁ ଅଧିକ ବିଶ୍ୱବିଦ୍ୟାଳୟରୁ ୪ ହଜାରରୁ ଅଧିକ ଖେଳାଳି ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି, ଯେଉଁମାନେ ୨୦ଟି ବିଭାଗରେ ପ୍ରତିଯୋଗିତା କରିବେ। ଯୁବ ବ୍ୟାପାର ଏବଂ କ୍ରୀଡ଼ା ମନ୍ତ୍ରୀ ଡକ୍ଟର ମନସୁଖ ମାଣ୍ଡବ୍ୟ ଏହା ଘୋଷଣା କରିଛନ୍ତି। ସେ କହିଛନ୍ତି ଯେ ଏହି କ୍ରୀଡ଼ା ଆମର ଅନେକ ଖେଳାଳିମାନଙ୍କୁ ଶ୍ରେଷ୍ଠ ପ୍ରତିଭା ଲକ୍ଷ୍ୟ ହାସଲ ପାଇଁ ସୁଯୋଗ ପ୍ରଦାନ କରିବ। ଖେଲୋ ଇଣ୍ଡିଆ ବିଶ୍ୱବିଦ୍ୟାଳୟ କ୍ରୀଡ଼ା ୨୫ ବର୍ଷରୁ କମ୍ ବୟସର ଖେଳାଳିଙ୍କ ପାଇଁ ଉଦ୍ଦିଷ୍ଟ।

# ରିଙ୍କୁ ସିଂହଙ୍କୁ ସରକାରୀ ଚାକିରି ଦେଲେ ଯୋଗୀ ସରକାର

**ନୂଆଦିଲ୍ଲୀ**

ଟିମ୍ ଇଣ୍ଡିଆର ଷ୍ଟାର ଖେଳାଳି ରିଙ୍କୁ ସିଂହ। ସେ ତାଙ୍କର ଛୋଟ କ୍ୟାରିୟରରେ ବହୁତ ପରିଚୟ ହାସଲ କରିଛନ୍ତି। ତାଙ୍କର ଜନ୍ମ ୧୨ ଅକ୍ଟୋବର ୧୯୯୭ରେ ଆଲିଗଡ଼ର ଏକ ସାଧାରଣ ପରିବାରରେ ହୋଇଥିଲା। ତାଙ୍କ ଜୀବନ ସଂଘର୍ଷପୂର୍ଣ୍ଣ ଥିଲା। କିନ୍ତୁ ସେ ତାଙ୍କ କଠିନ ପରିଶ୍ରମ ବଳରେ କ୍ରିକେଟ ଜଗତରେ ନାମ ଅର୍ଜନ କରିଛନ୍ତି। ଏପରି ପରିସ୍ଥିତିରେ ଯୋଗୀ ସରକାର ରିଙ୍କୁ ସିଂହଙ୍କୁ ଏକ ବଡ଼ ଉପହାର ଦେଇଛନ୍ତି। ଅନ୍ତର୍ଜାତୀୟ ସ୍ତରରେ ନିଜର ପ୍ରତିଭା ପ୍ରମାଣିତ କରିଥିବା ରିଙ୍କୁ ସିଂହଙ୍କୁ ସରକାରୀ



ଚାକିରି ଦିଆଯାଇଛି। ରିଙ୍କୁଙ୍କୁ ମୌଳିକ ଶିକ୍ଷା ଅଧିକାରୀ (ବେସିକ ଏଜୁକେସନ୍ ଅଫିସର) ପଦବୀରେ ନିଯୁକ୍ତି ଦିଆଯାଇଛି। ଏହି ନିଯୁକ୍ତି ପ୍ରତ୍ୟକ୍ଷ ନିଯୁକ୍ତି ନିୟମ ଅନୁଯାୟୀ କରାଯାଇଛି, ଯାହା ତାଙ୍କ ପାଇଁ ଏକ ବଡ଼ ସଫଳତା। ଭାରତୀୟ କ୍ରିକେଟ ଦଳ ପାଇଁ ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍‌ରେ ଚମତ୍କାର ପ୍ରଦର୍ଶନ କରିଥିବା ରିଙ୍କୁ ଏବେ ଶିକ୍ଷା କ୍ଷେତ୍ରରେ ସେବା କରିବେ। ଏ ସମ୍ପର୍କରେ ବେସିକ ଶିକ୍ଷା ନିର୍ଦ୍ଦେଶକ (ବେସିକ) ଦ୍ୱାରା ଏକ ଚିଠି ଜାରି କରାଯାଇଛି।

ଯୋଗୀ ସରକାର ରିଙ୍କୁ ସିଂହଙ୍କୁ ଏହି ପଦବୀ ଦେଇଛନ୍ତି, ଯାହା କ୍ରୀଡ଼ା ଏବଂ ଶିକ୍ଷା କ୍ଷେତ୍ରରେ ତାଙ୍କର ଅବଦାନକୁ ସ୍ୱୀକୃତି ଦିଏ। ମୌଳିକ ଶିକ୍ଷା ଅଧିକାରୀ ଭାବରେ, ରିଙ୍କୁଙ୍କ ଦାୟିତ୍ୱରେ ଶିକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବ ଏବଂ ଛାତ୍ରମାନଙ୍କ ପାଇଁ ଏକ ଉତ୍ତମ ପରିବେଶ ସୃଷ୍ଟି କରିବା ଅନ୍ତର୍ଭୁକ୍ତ ହେବ। ରିଙ୍କୁ ସିଂହଙ୍କ କ୍ରିକେଟ କ୍ୟାରିୟର ଏପର୍ଯ୍ୟନ୍ତ ବହୁତ ଭଲ ରହିଛି। ସେ ଭାରତୀୟ ଦଳ ପାଇଁ ଅନେକ ସ୍ମରଣୀୟ ଇନିଂସ ଖେଳିଛନ୍ତି ଏବଂ ଏବେ ସେ ଶିକ୍ଷା କ୍ଷେତ୍ରରେ ତାଙ୍କର ନୂତନ ଇନିଂସ ଆରମ୍ଭ କରିବାକୁ ଯାଉଛନ୍ତି।

# କଳିଙ୍ଗ ଷ୍ଟାଡିୟମ୍‌ରେ ବେଆଇନ ମାଦକ କାରବାର ବିରୋଧରେ ୱାକାଥନ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ଅବକାରୀ ବିଭାଗ ପକ୍ଷରୁ ବେଆଇନ ମାଦକ କାରବାର ବିରୋଧରେ ପ୍ରଥମ ପର୍ଯ୍ୟାୟ ସଚେତନତା କାର୍ଯ୍ୟକ୍ରମର ଶେଷ ଦିନରେ ଏକ ଗ୍ରାଣ୍ଡ ୱାକାଥନ ଗୁରୁବାର ଅନୁଷ୍ଠିତ ହୋଇଯାଇଛି। ଏହି ୱାକାଥନ ବେଆଇନ ମାଦକ ଦ୍ରବ୍ୟର ବ୍ୟବହାର ଓ ଅବୈଧ ଚାଲାଣ ବିରୋଧରେ ସଚେତନତା ସୃଷ୍ଟି କରିବା ନେଇ ଆୟୋଜିତ ଏହି ୱାକାଥନ ଶୁକ୍ରବାର ସକାଳ ୬.୩୦ରୁ କଳିଙ୍ଗ ଷ୍ଟାଡିଅମର ଗେଟ୍ ନମ୍ବର ୪ରୁ ଆରମ୍ଭ ହୋଇ ଜନତା ମୈଦାନ ପର୍ଯ୍ୟନ୍ତ ଯାଇଥିଲା। ଏହି ୱାକାଥନକୁ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ଉଦ୍‌ଘାଟନ କରି କହିଲେ ଯେ ବର୍ତ୍ତମାନର ଯୁବସମାଜକୁ ବେଆଇନ ମାଦକ ଦ୍ରବ୍ୟ କବଳରୁ ଦୂରେଇ ରଖି ଏକ ସୁସ୍ଥ ଓ ନିରାମୟ ସମାଜ ଗଠନ କରିବା ଆମର ଲକ୍ଷ୍ୟ। ଏଣୁ ସବୁବର୍ଗର ଲୋକଙ୍କୁ ନେଇ ବେଆଇନ ମାଦକ ଦ୍ରବ୍ୟ ବିରୋଧରେ ବର୍ଷବ୍ୟାପୀ ସଚେତନତା କାର୍ଯ୍ୟକ୍ରମ କରାଯିବ ବୋଲି ସେ ପ୍ରକାଶ କରିଥିଲେ।

ଉତ୍ସବରେ ବିଭାଗର କମିଶନର ତଥା ଆୟୁକ୍ତ ଗୁହା ପୁନମ ତାପସ କୁମାର, ଅବକାରୀ କମିଶନର ଧର୍ମେନ୍ଦ୍ର ମଲ୍ଲିକ, ଓଡ଼ିଶା ରାଜ୍ୟ ପାନୀୟ ନିଗମ ଲିଃର ପରିଚାଳନା ନିର୍ଦ୍ଦେଶକ ଅମ୍ବର କରଙ୍କ ସମେତ ବରିଷ୍ଠ ଅଧିକାରୀ ଓ ସ୍କୁଲ ଓ କଲେଜର ଛାତ୍ରଛାତ୍ରୀ, କ୍ରୀଡ଼ାବିତ୍ ମାନେ ଉପସ୍ଥିତ ଥିଲେ। ଏହି ଅବସରରେ ମୋକ୍ଷ ଡାନ୍ସ ଗ୍ରୁପ୍ ପକ୍ଷରୁ 'ଆମ ସଂକଳ୍ପ' ନାମକ ଅଭିଯାନ ସଂଗୀତରେ ନୃତ୍ୟ ପ୍ରଦର୍ଶନ କରିଥିଲେ। ଏହି ପରେ ଲିପ୍‌ସା ଗ୍ରୁପ୍ ଦ୍ୱାରା ନିଶା ମୁକ୍ତି ଉପରେ ଏକ ନାଟକ ପରିବେଷିତ ହୋଇଥିଲା। ଶେଷରେ 'ଭିଗ୍‌ନାଞ୍ଜ ବ୍ୟାଣ୍ଡ' ଦ୍ୱାରା ସଙ୍ଗୀତ ପରିବେଷଣ କରାଯାଇଥିଲା। ସୂଚନାଯୋଗ୍ୟ ଯେ ୨୦୨୫ ମେ' ୩୧ରୁ ଆରମ୍ଭ ହୋଇଥିବା ଏହି ମାସବ୍ୟାପୀ ଅଭିଯାନକୁ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଉଦ୍‌ଘାଟନ କରିଥିଲେ।

# ୧୮ ବର୍ଷରୁ କମ୍ ଓଡ଼ିଶା କବାଡ଼ି ଟିମ୍‌ରେ ସୁବର୍ଣ୍ଣପୁର ଝିଅ ସିରିନ ପାତ୍ର

**ସୁବର୍ଣ୍ଣପୁର, ନ୍ୟୁଜ୍‌ବ୍ୟୁରୋ**

୧୮ ବର୍ଷରୁ କମ୍ ପ୍ରଥମ ଅଲ ଇଣ୍ଡିଆ କବାଡ଼ି ପ୍ରତିଯୋଗିତାକୁ ସୁବର୍ଣ୍ଣପୁର ଜିଲ୍ଲାର ଝିଅ ସିରୀନ ପାତ୍ର ପ୍ରଥମ ଥର ମନୋନୀତ ହୋଇଥିବା ବେଳେ ତାଙ୍କୁ ଜିଲ୍ଲା ପ୍ରଶାସନ ଓ କ୍ରୀଡ଼ା ସଂଘ ପକ୍ଷରୁ ଶୁଭେଚ୍ଛା ସୁଅ ଛୁଟିଛି। ସୁବର୍ଣ୍ଣପୁର ଜିଲ୍ଲାର ଡୁଙ୍ଗୁରିପାଲି ବ୍ଲକ ଅନ୍ଧାରୀବାଞ୍ଜି ଗାଁର ପିତା ଇୟାଦ ପାତ୍ର ଓ ମାତା ପଦ୍ମା ପାତ୍ରଙ୍କ ସୁକନ୍ୟା ଅଟନ୍ତି ସିରିନ। ଚଳିତ ମାସ କଟକ ବାରବାଟୀରେ ଅଠର ବର୍ଷରୁ କମ୍ ବାଳିକା ସିଲେକ୍ସନ ଟ୍ରାଏଲରେ ରାଜ୍ୟର ସମସ୍ତ ଜିଲ୍ଲାରୁ ଚାରିଜଣ ଲେଖାଏଁ ବାଳିକା ସମୁଦାୟ ୧୨୦ ଜଣ ଏହି କାବାଡ଼ି ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଏଥିରୁ ପ୍ରଥମେ ଓଡ଼ିଶାର ୨୪ ଜଣ ମନୋନୀତ ହୋଇଥିବା ଜଣାଯାଇଛି। ଏହି ୨୪ ଜଣରୁ ଅଲ ଇଣ୍ଡିଆ କବାଡ଼ି ପାଇଁ ପୁଣି ୧୪ ଜଣ ବାଳିକା ମନୋନୀତ ହୋଇଥିବା ଓ ଓଡ଼ିଶା କବାଡ଼ି ବାଳିକା ଟିମ୍ ମ୍ୟାନେଜର ପୂଜା ଲାକ୍ରା ଓ କୋଚ୍ ହରିପ୍ରୀୟା ମହାପାତ୍ରଙ୍କ ନେତୃତରେ ଏ ୧୪ ଜଣ ବାଳିକା ଉତ୍ତରାଖଣ୍ଡ ହରିଦ୍ୱାର ଅଭିମୁଖେ ଯାତ୍ରା କରିଥିବା ଜିଲ୍ଲା କ୍ରୀଡ଼ା ସଂଘ ପକ୍ଷରୁ ସୂଚନା ମିଳିଛି। ଏଇ ୧୪ ଜଣିଆ ସର୍ବ ଭାରତୀୟ କବାଡ଼ିରେ ଭାଗ ନେବାକୁ ଓଡ଼ିଶା ଟିମ୍‌ରେ ସୋନପୁର ଜିଲ୍ଲାର ଝିଅ ସିରିନ ଜିଲ୍ଲା ତଥା ଓଡ଼ିଶାରୁ ପ୍ରତିନିଧିତ୍ୱ କରିଥିବାରୁ କୃତୀ ଖେଳାଳି ସରିନଙ୍କୁ ସୁବର୍ଣ୍ଣପୁର ଜିଲ୍ଲା କ୍ରୀଡ଼ା ବିଭାଗ ଓ କ୍ରୀଡ଼ା ସଂଘ ପକ୍ଷରୁ ସଫଳତା କାମନା ପାଇଁ ଶୁଭେଚ୍ଛା ଜ୍ଞାପନ କରାଯାଇଛି। କ୍ରୀଡ଼ା ଇତିହାସରେ ଏ ଜିଲ୍ଲା ପାଇଁ ଏହା ପ୍ରଥମ ଖେଳାଳି ହୋଇ ଥିବାରୁ ଜିଲ୍ଲା ଓ ରାଜ୍ୟ ପାଇଁ ସେ ଗୌରବ ବୃଦ୍ଧି କରିଛନ୍ତି। ଏ ସଫଳତାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ଚିତ୍ତରଞ୍ଜନ ମିଶ୍ର, କ୍ରୀଡ଼ା ସଂଘ ସମ୍ପାଦକ ପୀୟୂଷ ପଣ୍ଡା, ଉପ ସଭାପତି ଚିତ୍ତରଞ୍ଜନ ତରାସିଆ, ସହ ସଂପାଦକ ନନ୍ଦ କିଶୋର ତ୍ରୀପାଠୀ, ଉପଦେଷ୍ଟା ଗୌରୀ ଶ୍ୟାମ ପଣ୍ଡା, କଇରୁ ସ୍ୱାଇଁ, ଦିଲ୍ଲିପ ଗୁରୁ, ଭୁକୁଲୁ ବକ୍ସି, ବରିଷ୍ଠ ସଦସ୍ୟ ଗୋପାଳ ବରାଇ, ଜିତେନ୍ଦ୍ର କୁମାର ସାହୁ, ବଳରାମ ପଟ୍ଟନାୟକ, ଗତି କୃଷ୍ଣ ମିଶ୍ର, ବିକାଶ ପଣ୍ଡା, କମଳାକାନ୍ତ ସାହୁ, ବି ସତ୍ୟ ନାରାୟଣ ରାଓ, ଦିଗାମ୍ବର ଶତପଥି, କୃଷ୍ଣ ବାଗ, ସୁଦର୍ଶନ ପଣ୍ଡା, କଲିମ ମହମ୍ମଦ, ଭଲିବଲ ସଂପାଦକ ପୁରୋଷୋତ୍ତମ ପାଣିଗ୍ରାହୀ, ଫୁଟବଲ ସଂପାଦକ ରାଜୀବ ସାହୁଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା କ୍ରୀଡ଼ାବିତ୍ ସିରିନଙ୍କୁ ଶୁଭେଚ୍ଛା ଅଭିନନ୍ଦନ ଜଣାଇଛନ୍ତି।

# ଜର୍ମାନୀରେ ହେଲା ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସର୍ଜରୀ

**ନୂଆଦିଲ୍ଲୀ**

ଜର୍ମାନୀରେ ହେଲା ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କ ସର୍ଜରୀ। ଜର୍ମାନୀର ମ୍ୟୁନିଖରେ ସେ ତାଙ୍କର ସ୍ପୋର୍ଟସ୍ ହାର୍ନିଆ ଅସ୍ତ୍ରୋପଚାର କରିଛନ୍ତି। ଅସ୍ତ୍ରୋପଚାର ପରେ, ସେ ଖୁବ୍‌ଶୀଘ୍ର ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ପୁନର୍ବାସ ଆରମ୍ଭ କରିବେ। ଗତ ତିନି ବର୍ଷ ମଧ୍ୟରେ ଏହା ତାଙ୍କର ତୃତୀୟ ଅସ୍ତ୍ରୋପଚାର।

୩୪ ବର୍ଷୀୟ ବ୍ୟାଟସମ୍ୟାନ୍ ଇନଷ୍ଟାଗ୍ରାମରେ ଲେଖିଛନ୍ତି, 'ଜୀବନ ଅପଡେଟ୍ : ଡାହାଣ ପେଟର ତଳ ଭାଗରେ ସ୍ପୋର୍ଟସ୍ ହାର୍ନିଆ ପାଇଁ ଅସ୍ତ୍ରୋପଚାର କରାଯାଇଛି। ଅସ୍ତ୍ରୋପଚାର ସଫଳ ହୋଇଥିବାରୁ ଖୁସି ଏବଂ ମୁଁ ଏବେ ସୁସ୍ଥ ହେବା ରାସ୍ତାରେ ଅଛି। ଶୀଘ୍ର ଫେରିବି।'

ସ୍ପୋର୍ଟସ୍ ହାର୍ନିଆ ହେଉଛି ଅଣ୍ଟା କିମ୍ବା ତଳି ପେଟରେ ଏକ ନରମ ଟିସୁ ଆଘାତ, ଯାହା ପ୍ରାୟତଃ ମାଂସପେଶୀ କିମ୍ବା ଲିଗାମେଣ୍ଟକୁ ପ୍ରଭାବିତ କରେ। ଅସ୍ତ୍ରୋପଚାର ପରେ, ସେ ପ୍ରାୟ ଦୁଇ ସପ୍ତାହ ମଧ୍ୟରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର ଅଫ୍ ଏକ୍ସଲେନ୍ସରେ ପୁନର୍ବାସ ଆରମ୍ଭ କରିବେ। ଭାରତର ପରବର୍ତ୍ତୀ ହ୍ୱାଇଟ୍ ବଲ୍ ଗସ୍ତ ଅଗଷ୍ଟରେ ହେବ। ବାଂଲାଦେଶ ବିପକ୍ଷରେ ଭାରତ ତିନୋଟି ଦିନିକିଆ ଏବଂ ଟି-୨୦ ମ୍ୟାଚ୍ ଖେଳିବ। ସୂର୍ଯ୍ୟକୁମାର ଯାଦବ ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ୫୦ ଓଭର ଫର୍ମାଟରେ ଖେଳି ନାହାନ୍ତି।

ଗତ ତିନି ବର୍ଷ ମଧ୍ୟରେ ଏହା ସୂର୍ଯ୍ୟକୁମାରଙ୍କ ତୃତୀୟ ଅସ୍ତ୍ରୋପଚାର। ୨୦୨୩ମସିହାରେ ତାଙ୍କର ଗୋଡ଼ ଅସ୍ତ୍ରୋପଚାର ହୋଇଥିଲା ଏବଂ ଏହା ପୂର୍ବରୁ ୨୦୨୪ମସିହାରେ ମଧ୍ୟ ତାଙ୍କର ସ୍ପୋର୍ଟସ୍ ହାର୍ନିଆ ଅସ୍ତ୍ରୋପଚାର ହୋଇଥିଲା। ଅସ୍ତ୍ରୋପଚାର ପୂର୍ବରୁ, ସୂର୍ଯ୍ୟକୁମାର ଆଇପିଏଲ ୨୦୨୫ରେ ମୁମ୍ବାଇ ଇଣ୍ଡିଆନ୍ସ (ଏମଆଇ) ପାଇଁ ବହୁତ ଭଲ ଫର୍ମରେ ଥିଲେ ଏବଂ ତାଙ୍କୁ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ଖେଳାଳି ଭାବରେ ବିବେଚିତ କରାଯାଇଥିଲା। ସେ ୭୧୭ରନ କରିଥିଲେ, ଯାହା ଅରେଞ୍ଜ କ୍ୟାପ୍ ବିଜେତା ସାଇ ସୁଦର୍ଶନ (୭୫୯ରନ) ପରେ ଦ୍ୱିତୀୟ ସର୍ବାଧିକ।

# ଏସବିଆଇର ପ୍ରତିଷ୍ଠା ଦିବସରେ ୮୫ ୟୁନିଟ୍ ରକ୍ତ ସଂଗୃହୀତ

**ଜଳେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ବାଲେଶ୍ୱର ଜିଲ୍ଲା ଜଳେଶ୍ୱର ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ୭୦ତମ ପ୍ରତିଷ୍ଠା ଦିବସ ଦିବସର ଜଳେଶ୍ୱର ଶାଖା ପକ୍ଷରୁ ରକ୍ତ ଦାନ ଏକ ମହତ୍ ଦାନ ଅବସରରେ ଜଳେଶ୍ୱର ଷ୍ଟେଟ ବ୍ୟାଙ୍କ ପରିସରରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଆମଓଡ଼ିଶା ସହଯୋଗରେ ଉକ୍ତ ଶିବିରକୁ ବାଲେଶ୍ୱର ସ୍ଥିତ ଆଞ୍ଚଳିକ ବ୍ୟବସାୟ କାର୍ଯ୍ୟାଳୟର ମୁଖ୍ୟ ପ୍ରବନ୍ଧକ ବୁଦ୍ଧି ରାମ ପାଣିଗ୍ରାହୀ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଅନ୍ୟତମ ଅତିଥି ଭାବେ ବାଲେଶ୍ୱର ଆଞ୍ଚଳିକ କାର୍ଯ୍ୟାଳୟର ମାନବ ସମ୍ବଳ ବିଭାଗର ସହଯୋଗୀ ବିଶ୍ୱ ସୁନ୍ଦର ଦାସ୍, ବାଲେଶ୍ୱର ଜିଲ୍ଲା ରକ୍ତଦାତା ସଂଘ ସଭାପତି କମଳ ଚକ୍ରବର୍ତ୍ତୀ, ଜଳେଶ୍ୱର ରକ୍ତଦାତା ସଂଘର ସଭାପତି ଡ. ଅଜିତ କୁମାର ମହାନ୍ତି, ସମ୍ପାଦକ ସୁବ୍ରତ ରଣା, ସାଙ୍ଗଠନିକ ସମ୍ପାଦକ ମନୋରଞ୍ଜନ ଦାସ, କୁମାର କୃଷ୍ଣ କର, ବାମପନ୍ଥୀ ନେତା ଦିଲ୍ଲୀପ ଗିରି, ବରିଷ୍ଠ ସାମ୍ବାଦିକ ସତ୍ୟବ୍ରତ ପ୍ରଧାନ ସାମ୍ବାଦିକ ଅର୍ଜୁନ ସିଂହ, ବିଜେଡି ନେତା ସପନ ଦାସ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ରକ୍ତଦାନ ଶିବିରର ମୁଖ୍ୟ ଉଦ୍ୟୋକ୍ତା ତଥା ଜଳେଶ୍ୱର ଶାଖାର ଚିପ୍ ମ୍ୟାନେଜର ସତ୍ୟରଞ୍ଜନ ନନ୍ଦଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରୁ ୮୫ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ବ୍ୟାଙ୍କର ବରିଷ୍ଠ ଅଧିକାରୀ ତାରାପଦ କର, ଡେପୁଟି ମ୍ୟାନେଜର କାରୁ ମୁର୍ମୁ, କ୍ଷେତ୍ର ଅଧିକାରୀ ଓ କର୍ମଚାରୀମାନେ ଯୋଗ ଦେଇଥିଲେ।



# ଏଗାର ବର୍ଷର ପ୍ରାଦ୍ୟୋଗିକ ପରିବର୍ତ୍ତନ ଭାରତର ଭବିଷ୍ୟତ ଉନ୍ନତିର ସୂଚକ



**ଡ. ଜିତେନ୍ଦ୍ର ସିଂ**
କେନ୍ଦ୍ର ବିଜ୍ଞାନ ଓ ପ୍ରଯୁକ୍ତି ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ), ଭୂ ବିଜ୍ଞାନ ଓ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ, ମହାକାଶ ବିଭାଗ ରାଷ୍ଟ୍ରମନ୍ତ୍ରୀ

ମହାଭାରତ ପରି ଗ୍ରନ୍ଥରେ ଋଷି ବ୍ୟାସ ଜ୍ଞାନକୁ ସର୍ବାଗ୍ରେ ରଖିଛନ୍ତି। ଏଗାର ବର୍ଷ ପୂର୍ବରୁ ଯେବେ ନରେନ୍ଦ୍ର ମୋଦୀ ସରକାର ଶାସନ ଆରମ୍ଭ କଲା ସେବେ ପ୍ରଧାନମନ୍ତ୍ରୀ କହିଥିଲେ ଯେ, ଭାରତ କେବଳ ଏକ ବୈଶ୍ୱିକ ଜ୍ଞାନର ଉପଭୋକ୍ତା ଦେଶ ହୋଇ ରହିନାହିଁ ବରଂ ଏହାକୁ ନିର୍ମାତା ବନାଇବା ଲାଗି ଆଧୁନିକ ସଂକଳ୍ପ ନିଆଯାଇଛି। ଗତ ଏଗାର ବର୍ଷରେ ମୋଦୀ ସରକାରରେ ଭାରତବର୍ଷରେ ବ୍ୟାପକ ପ୍ରାଦ୍ୟୋଗିକ ପରିବର୍ତ୍ତନ ହୋଇଛି।

ଆଉ ଏହି ପରବର୍ତ୍ତନକାରୀ ସରକାରକୁ ଏଗାର ବର୍ଷ ପୂରିଥିବା ବେଳେ ବିଜ୍ଞାନ ଓ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଜୟ ଯାତ୍ରା ଅନୁଭବ ହୋଇପାରୁଛି। ମୋତେ ଯେବେ ଦାୟିତ୍ୱ ମିଳିଲା ସେବେ ମୁଁ ସମଗ୍ର ଦେଶ କଥା ଚିନ୍ତା କରି କାମ କରିବା ଆରମ୍ଭ କଲି। ୨୦୧୪ରେ ଭାରତର ବୈଜ୍ଞାନିକ ଇକୋ ସିଷ୍ଟମ ଊର୍ଜାବାନ ରହିଥିଲା। ଏହା ସେତେବେଳେ ମହତ୍ୱାକାଂକ୍ଷୀ ହୋଇଥିବା ବେଳେ କମ୍ ସଂସାଧନ ସାଧିତ ହୋଇପାରୁଥିଲା।

କମ୍ ସଂଖ୍ୟକ ପ୍ରମୁଖ ଶିକ୍ଷାନୁଷ୍ଠାନରେ ଅନୁସନ୍ଧାନ କାର୍ଯ୍ୟ ହେଉଥିଲା। ଲୋକମାନେ ନିଦ ଦୈନନ୍ଦିନ ଜୀବନରେ ବିଜ୍ଞାନର ପ୍ରଭାବ କମ୍ ଦେଖିବାକୁ ପାଉଥିଲେ। କିନ୍ତୁ ଏବେ ପରିସ୍ଥିତି ବଦଳିଯାଇଛି। ଏବେ ଜୀବନର ପ୍ରତିଟି ମୁହୂର୍ତ୍ତରେ ବିଜ୍ଞାନର ଛାପ ଦେଖିବାକୁ ମିଳୁଛି। ଏଥିପାଇଁ ଏକ ସଚେତ, ସନ୍ତୁଳିତ ଓ ସାହାସୀ ପ୍ରୟାସ କରାଯାଇଥିବା ଜଣାପଡ଼େ।

ଆରମ୍ଭଟା ଭାରି ସରଳ କିନ୍ତୁ ଗଭୀର ତତ୍ତ୍ୱ କଥା କହୁଛି। ନିଜ ପ୍ରତିଭା ଉପରେ ବିଶ୍ୱାସ ରଖିଥିବାରୁ ଗଭୀର ପରିବର୍ତ୍ତନ ସମ୍ଭବ ହୋଇପାରିଛି। ୨୦୨୩ରେ ଅନୁସନ୍ଧାନ ଓ ଜାତୀୟ ରିସର୍ଚ୍ଚ ଫାଉଣ୍ଡେସନର ପ୍ରତିଷ୍ଠା ଏ ଦିଗରେ ଏକ ଉଲ୍ଲେଖନୀୟ କାର୍ଯ୍ୟ। ପ୍ରଥମକରି ଭାରତ ସରକାର ରଣନୀତି ସମ୍ପନ୍ନ ଦୂରଦର୍ଶିତାର ସହ ନିଜ ଅନୁସନ୍ଧାନ ଓ ବିକାଶ ଇକୋ ସିଷ୍ଟମକୁ ଚାଲୁ ରଖିବାକୁ ଏକ ବୈଜ୍ଞାନିକ ଯୋଜନା ପ୍ରଣୟନ କରିଛନ୍ତି। ପ୍ରଧାନମନ୍ତ୍ରୀ ପ୍ରାରମ୍ଭିକ କ୍ୟାରିୟର ଅନୁସନ୍ଧାନ ଅନୁଦାନରେ ୬୯୦୦ରୁ ଅଧିକ ଯୁବ ବୈଜ୍ଞାନିକଙ୍କୁ ସଶକ୍ତ କରିବା ଲାଗି ୧୭୫୪ ଏସସି-ଏସଟି ଗବେଷକଙ୍କୁ ସାହାଯ୍ୟ କରାଯାଇଛି। ତେବେ ବୈଜ୍ଞାନିକ ଉତ୍କୃଷ୍ଟତା କିଛି ଲୋକଙ୍କର ବିଶେଷ ଅଧିକାର କେବଳ ନୁହେଁ ବରଂ ଅନେକ ଲୋକଙ୍କର ଏହା ହେଉଛି ତଲାସ।

ଲୋକମାନଙ୍କୁ ଅନୁଦାନ ଦେବା ଯାଏ ଖାଲି ଆମେ ସୀମିତ ନାହୁଁ ବରଂ ବିଭିନ୍ନ ସଂସ୍ଥାନ ଖୋଲି ପାରିଛୁ। ଆଇଆଇଟି, ଆଇଆଇଏସସିରେ ଚାରିଟି ବିଷୟଗତ କେନ୍ଦ୍ର ସହ ରାଷ୍ଟ୍ରୀୟ କ୍ୱାଣ୍ଟମ ମିଶନ ଭାରତକୁ କ୍ୱାଣ୍ଟମ କମ୍ପ୍ୟୁଟିଙ୍ଗ, ସଂଚାର ଓ ସମ୍ବେଦନ କ୍ଷେତ୍ରରେ ଅଗ୍ରଣୀ ସ୍ଥାନରେ ଆମେ ସ୍ଥାପିତ ହେବାକୁ ଯାଉଛୁ। ରାଷ୍ଟ୍ରୀୟ ସୁପର କମ୍ପ୍ୟୁଟିଙ୍ଗ ମିଶନରେ ଆରମ୍ଭ ହିଁ ସାରା ଦେଶରେ ୨୮ଟି ଉଚ୍ଚ-ଉନ୍ନତ କାର୍ଯ୍ୟପ୍ରଣାଳୀ ଆରମ୍ଭ କରାଯାଇଛି। ଏହା ମାଧ୍ୟମରେ ଆଗୁଆ ବନ୍ୟା ସ୍ଥିତି ସୂଚନା, ଔଷଧ ଖୋଜିବା ଯାଏ ସବୁପ୍ରକାର ସହାୟତା ମିଳିଛି। ଏହା କେବଳ ମେସିନ ନୁହେଁ ବରଂ ନୂଆ ଭାରତର ସମ୍ଭାବନା।

ବୈଜ୍ଞାନିକ ପ୍ରଗତି କେବଳ ପେଟେଣ୍ଟରେ ନାହିଁ। ବରଂ ଏହାଦ୍ୱାରା ପ୍ରଭାବିତ ଜୀବନଧାରାରେ ରହିଛି। ଆଇଆଇଟି ବମ୍ବେ ଦ୍ୱାରା ତିଆରି କରାଯାଇଥିବା ସ୍ମାର୍ଟ ଏଗ୍ରି ଷ୍ଟେସନ କଥା ବିଚାରକୁ ନେଲେ ଏହା ଦୂର ଦୂରାନ୍ତରେ ଥିବା ଚାଷ ଜମିର ମାଟି ଓ ପାଣିପାଗ କଥା ସୂଚନା ଦେଇଥାଏ। ଆଇଆଇଟି ଭିଲାଇର ଦିବ୍ୟାଙ୍ଗ ଏଟିଏମ କଥା ବିଚାରକୁ ନେଲେ ଏହା ଦୃଷ୍ଟିବାଧିତ ନାଗରିକମାନଙ୍କୁ ବ୍ୟାଙ୍କିଙ୍ଗ ସେବା ସୁବିଧା ଯୋଗାଇଥାଏ। ସେହିପରି ୪୬ଟି ମହିଳା ପ୍ରାଦ୍ୟୋଗିକ ପାର୍କ ଯେଉଁଠି ୧୧ ହଜାରରୁ ଅଧିକା ମହିଳାମାନଙ୍କୁ ବୈଜ୍ଞାନିକ ବ୍ୟବସାୟ ସମ୍ପର୍କରେ ପ୍ରଶିକ୍ଷିତ କରାଯାଇଛି। ଯାହା ଫଳରେ ମହିଳାମାନେ ସଫଳ ଉଦ୍ୟୋଗୀ ହୋଇପାରିଛନ୍ତି। ଏହା ଏକ ସଶକ୍ତ ସମାଜର ଆଧାରଶିଳା ଅଟେ।

ବର୍ତ୍ତମାନ ସମୟରେ ସବୁଠାରୁ ବଡ ଆହ୍ୱାନର କଥା ହେଉଛି ଜଳବାୟୁ ପରିବର୍ତ୍ତନ। ଏହା ଦ୍ୱାରା ସମ୍ବନ୍ଧିତ ରାଷ୍ଟ୍ରିୟ ମିଶନ ମାଧ୍ୟମରେ ୨୯ଟି ରାଜ୍ୟରେ ଜଳବାୟୁ କେନ୍ଦ୍ର ସ୍ଥାପନ କରାଯାଇଛି। ଏହା ସମ୍ପର୍କରେ ଦୁଇ ହଜାରରୁ ଅଧିକ ଗବେଷଣା କରାଯାଇଥିବା ବେଳେ ପ୍ରାୟ ଏକ ହଜାର ରିପୋର୍ଟରେ ସହାୟତା ପ୍ରଦାନ କରାଯାଇଛି। ହିମାଳୟ ଗ୍ଲେସିୟରର ମାନଚିତ୍ର ସହ ୧.୮ ଲକ୍ଷରୁ ଅଧିକ ହିତାଧିକାରୀଙ୍କୁ ପ୍ରଶିକ୍ଷଣ ଦେବା ଯାଏ ଆମେ କେବଳ ଜଳବାୟୁ ପରିବର୍ତ୍ତନର ଅଧ୍ୟୟନ କରୁନାହୁଁ ବରଂ ଆଗାମୀ ଦିନ ଭାରତବର୍ଷକୁ ତିଆରି କରୁଛେ।

ମାନବ ପୁଞ୍ଜି କ୍ଷେତ୍ରରେ ଆମର ନିବେଶ ପରିବର୍ତ୍ତନକାରୀ ଅଟେ। ବିଶ୍ୱ ବିଦ୍ୟାଳୟ ଗୁଡିକର ୭୫ ହଜାରରୁ ଅଧିକ ଛାତ୍ର ଓ ୬୮୦୦ ଡକ୍ଟରେଟ ଛାତ୍ରଙ୍କୁ ସହାୟତା ଦିଆଯାଇଛି। ୨.୫ ଲକ୍ଷରୁ ଅଧିକ ସ୍କୁଲସ୍ତରୀୟ ଇନୋଭେସନକୁ ରାଷ୍ଟ୍ରିୟ ମଞ୍ଚ ମିଳିଛି। ଏଥିରୁ ଶିକ୍ଷା ମିଳେ ଯେ, ପ୍ରତି ଜିଜ୍ଞାସୁ ଶିଶୁ ଜଣେ ସମ୍ଭାବନାମୟ ବୈଜ୍ଞାନିକ ଓ ପ୍ରତି ଗାଁରୁ ଇନୋଭେସନ ଆରମ୍ଭ କରାଯାଇପାରେ।

ବିଜ୍ଞାନ ଓ ଭୂଗୋଳ କ୍ଷେତ୍ରରେ ବି ଆମେ ପରିବର୍ତ୍ତନ ଆଣିପାରିଛୁ। ଏକଦା ପୂର୍ବୋତ୍ତର ରାଜ୍ୟକୁ କେହି ପଚାରୁ ନଥିଲେ। କିନ୍ତୁ ଏବେ ସେହିସ୍ଥାନରେ କେଶରର ଚାଷ କରାଯିବା ସହ ସମ୍ପୃକ୍ତ ସ୍ଥାନକୁ ଡ୍ରୋନ୍ ସମ୍ପର୍କିତ ଭୂ ସ୍ଥାନିକ ମାନଚିତ୍ରଣର କେନ୍ଦ୍ର ରୂପରେ ଅବତାରଣା କରାଯାଇ ପାରୁଛି। ନେକ୍ଟର ଓ ଭାରତୀୟ ସର୍ବେକ୍ଷଣ ବିଭାଗର ପ୍ରୟାସ ଫଳରେ ୨ ଲକ୍ଷରୁ ଅଧିକ ଗାଁକୁ ୧୦ ସେମି ରିଜୋଲ୍ୟୁସନର ସହ ମାନଚିତ୍ରଣ କରାଯାଇଛି। ଯାହା ଫଳରେ ଗ୍ରାମୀଣ ନାଗରିକମାନଙ୍କୁ ସେମାନଙ୍କର ଜମିର ଅଧିକାର ବା ମାଲିକାନା ମିଳିପାରିଛି।

ଏହା ବିଶ୍ୱାସ, ଦୃଢତା, ପ୍ରତିଭାର କାହାଣୀ ବର୍ଣ୍ଣନା କରୁଛି। ଆମ ବୈଜ୍ଞାନିକଙ୍କ ଉପରେ ଭରସା, ଆମ ଯୁବ ଗୋଷ୍ଠୀଙ୍କ ପାଖରେ ପ୍ରତିଭା ଓ ଆମର ନୀତି ସବୁ ଦୃଢ ଅଟେ। ୨୦୨୫-୨୬ ଆର୍ଥିକ ବର୍ଷରେ ଅନୁସନ୍ଧାନ, ବିକାଶ, ଇନୋଭେସନ ପାଇଁ ଏକ ଲକ୍ଷ କୋଟି ଟଙ୍କାର ବଜେଟ ପାରିତ ହୋଇଛି। ୨୦ ହଜାର କୋଟି ଟଙ୍କାକୁ ଆବଣ୍ଟନ କରାଯାଇ ଡିପ ଟେକ ଫଣ୍ଡସ ଅଫ ଫଣ୍ଡ ଆଧାରରେ ଘରୋଇ ଉଦ୍ୟୋଗ କ୍ଷେତ୍ରକୁ ଭାରତର ବୈଜ୍ଞାନିକ ଭାଗ୍ୟ ସହ ଯୋଡା ଯାଇଛି।

ଏଆଇ, ରୋବୋଟିକ୍ସ, ଅନ୍ତରୀକ୍ଷ ବିଜ୍ଞାନ ପରି ପ୍ରଗତିଶୀଳ ପ୍ରଯୁକ୍ତି ବିଦ୍ୟା ପାଇଁ ନିବେଶ ସହ କଳ୍ପନାର ବି ଆବଶ୍ୟକତା ରହିଛି। ସମାଜର ସବୁବର୍ଗ ପାଖରେ ବିଜ୍ଞାନର ଛାପ ପହଞ୍ଚିବା ଦରକାର। ଅରୁଣାଚଳ ପ୍ରଦେଶର ଜନଜାତି କୃଷକଟିଏ ହେଉ ଅବା ଝାଡଖଣ୍ଡର କୌଣସି ସ୍କୁଲ ଛାତ୍ର ବା ବେଙ୍ଗାଲୁରୁର କୌଣସି ଷ୍ଟାର୍ଟ ଅପର ସଂସ୍ଥାପକ ସମସ୍ତେ ବିଜ୍ଞାନର ପ୍ରାୟୋଗିକତାର ସୁଫଳ ପାଇବା ଦରକାର।

ଯେତେ ବେଳେ ଆମେ ମୋଦୀ ସରକାରର ୧୧ ବର୍ଷର କୀର୍ତ୍ତିଗାନ କରୁଛେ ସେବେ ପ୍ରଧାନମନ୍ତ୍ରୀଙ୍କ ଗୋଟିଏ କଥାକୁ ସ୍ମରଣ କରାଯାଇପାରେ। ପ୍ରାୟ ସମୟ ପ୍ରଧାନମନ୍ତ୍ରୀ ମୋଦୀ କୁହନ୍ତି ଯେ, ଏହା କେବଳ ଏକ ସରକାର ନୁହେଁ। ବରଂ ଏହା ଏକ ଆନ୍ଦୋଳନ। ଭାରତକୁ ଆତ୍ମନିର୍ଭର, ସାରା ବିଶ୍ୱରେ ସମ୍ମାନିତ ଓ ମାନବବାଦୀ ରାଷ୍ଟ୍ରରେ ପରିଣତ କରିବା ଲାଗି ଏକ ଆନ୍ଦୋଳନ। ଲୋକତନ୍ତ୍ରର ଏହି ପ୍ରୟୋଗଶାଳାରେ ବିଜ୍ଞାନର ପ୍ରତିଟି ପ୍ରୟୋଗ ଆଶା ଓ ଆକାଂକ୍ଷାର ପ୍ରୟୋଗ ବୋଲି ଭାବିବାକୁ ହେବ।



# ଶହୀଦନଗର ଶ୍ରୀଶ୍ରୀ ବିଷ୍ଣୁମନ୍ଦିର ରଥଯାତ୍ରାର ନୀତି ନିର୍ଘଣ୍ଟ

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**

ପୂର୍ବ ବର୍ଷମାନଙ୍କ ଭଳି ଚଳିତ ବର୍ଷ ଶହୀଦନଗର ସାଂସ୍କୃତିକ ସମିତି ଆନୁକୂଲ୍ୟରେ ଶ୍ରୀ ବିଷ୍ଣୁମନ୍ଦିର ପ୍ରାଙ୍ଗଣରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ଶ୍ରୀବଳଭଦ୍ର ଓ ମା’ ସୁଭଦ୍ରାଙ୍କ ରଥଯାତ୍ରା ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହେବ। ଏହି ଉପଲକ୍ଷେ ଉକ୍ତ ଦିନ ତିନି ଠାକୁର ରଥାରୁଢ଼ ହୋଇ ଦିବା ୩ ଘଟିକା ସମୟରେ ଶ୍ରୀ ବିଷ୍ଣୁମନ୍ଦିରରୁ ବାହାରି ଶହୀଦନଗର ମୁଖ୍ୟ ରାସ୍ତା (ଭାୟା ମେଘଦୂତ ହୋଟେଲ) ଦେଇ ସନ୍ଧ୍ୟା ଘ.୬.୩୦ମି.ରେ ମା’ ଖଣ୍ଡୁଆଳୀ ମନ୍ଦିରରେ ପହଞ୍ଚିବେ।

ସେହିପରି ଶ୍ରୀ ବାହୁଡ଼ା ତିଥି ତା ୦୫.୦୭.୨୦୨୬ରିଖ ଦିନ ଦିବା ୩ ଘଟିକା ସମୟରେ ତିନି ଠାକୁର ମା’ ଖଣ୍ଡୁଆଳୀ ମନ୍ଦିରରୁ ବାହାରି ଶ୍ରୀ ବିଷ୍ଣୁମନ୍ଦିରକୁ ସନ୍ଧ୍ୟା ସୁଦ୍ଧା ବାହୁଡ଼ା ବିଜେ ହେବେ। ଏହି ଉପଲକ୍ଷେ ଅନେକ ଶ୍ରଦ୍ଧାଳୁ ଭକ୍ତଙ୍କର ସମାଗମ ହୋଇଥାଏ।

ଶହୀଦନଗର ସାଂସ୍କୃତିକ ସମିତି ପକ୍ଷରୁ ସ୍ଥିର ହୋଇଥିବା ଶ୍ରୀଜୀଉଙ୍କ ନୀତି ନିର୍ଘଣ୍ଟ ଅନୁସାରେ ଗୁରୁବାର ଶ୍ରୀଜୀଉଙ୍କ ନବଯୌବନ ତଥା ନେତ୍ରୋତ୍ସବ ସକାଳ ୯ଘ.୨୦ମି.ରେ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ପବିତ୍ର ଘୋଷଯାତ୍ରା ଅନୁଷ୍ଠିତ ହେବ। ଏଥିନିମନ୍ତେ ପୂର୍ବାହ୍ନ ୯ଘ.୨୦ମି.ରେ ରଥ ପ୍ରତିଷ୍ଠା, ଅପରାହ୍ନ ୧ଘ.୧୫ମି.ରେ ଖେଚୁଡ଼ି ଭୋଗ, ଅପରାହ୍ନ ୨ଘ.୩୦ମି.ରେ ପହଣ୍ଡି ଆରମ୍ଭ, ଅପରାହ୍ନ ୩ଘ.୩୦ମି.ରେ ଛେରାପହଁରା, ଅପରାହ୍ନ ୪ ଘ.ରେ (ବିଷ୍ଣୁମନ୍ଦିର ଠାରୁ ମା’ ଖଣ୍ଡୁଆଳୀ ମନ୍ଦିର ପର୍ଯ୍ୟନ୍ତ) ରଥଟଣା ଆରମ୍ଭ। ସେହିପରି ବାହୁଡ଼ା ଯାତ୍ରା ଜୁଲାଇ ୫ ତାରିଖ ଦିନ ଅନୁଷ୍ଠିତ ହେବ। ଏଥିନିମନ୍ତେ ମଧ୍ୟାହ୍ନ ୧୨ଘ.ରେ ରଥ ପବିତ୍ରକରଣ, ଅପରାହ୍ନ ୨ଘ.ରେ ଛେନାପୋଡ଼ ଭୋଗ, ଅପରାହ୍ନ ୨ଘ.୩୦ମି.ରେ ପହଣ୍ଡି ଆରମ୍ଭ, ଅପରାହ୍ନ ୩ଘ.୩୦ମି.ରେ ଛେରା ପହଁରା, ଅପରାହ୍ନ ୪ଘ.ରେ ରଥଟଣା ଆରମ୍ଭ (ମା’ ଖଣ୍ଡୁଆଳୀ ମନ୍ଦିର ଠାରୁ ଶ୍ରୀଶ୍ରୀ ବିଷ୍ଣୁ ମନ୍ଦିର ପର୍ଯ୍ୟନ୍ତ)।

# ଓଡ଼ିଶାର ପ୍ରାୟ ସମସ୍ତ ଅଞ୍ଚଳ ସହିତ ପଡ଼ୋଶୀ ରାଜ୍ୟଗୁଡ଼ିକରୁ ପୁରୀକୁ ରଥ ଯାତ୍ରା ସ୍ପେଶାଲ୍ ଟ୍ରେନ୍

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ପୁରୀରେ ହେବାକୁ ଥିବା ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ମହୋତ୍ସବକୁ ଦୃଷ୍ଟିରେ ରଖି ପୂର୍ବତଟ ରେଳପଥ ଲକ୍ଷ ଲକ୍ଷ ଭକ୍ତଙ୍କ ପାଇଁ ସୁଗମ ଏବଂ ଆରାମଦାୟକ ଯାତ୍ରାକୁ ସୁଗମ କରିବା ପାଇଁ ଅଭୂତପୂର୍ବ ବ୍ୟବସ୍ଥା ଗ୍ରହଣ କରିଛି। ରଥଯାତ୍ରା ୨୦୨୫ ଅବଧିରେ ରେକର୍ଡ ସଂଖ୍ୟକ ୩୬୫ଟି ସ୍ପେଶାଲ୍ ଟ୍ରେନ୍ ପରିଚାଳିତ କରାଯାଉଅଛି ଯାହା ଓଡ଼ିଶାର ପ୍ରାୟ ପ୍ରତ୍ୟେକ କୋଣ ଏବଂ ପଶ୍ଚିମବଙ୍ଗ, ଆନ୍ଧ୍ର ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଏବଂ ମହାରାଷ୍ଟ୍ରର ପ୍ରମୁଖ ଅଂଶକୁ ସଂଯୋଗ କରିବ।

ଏହି ସ୍ପେଶାଲ୍ ଟ୍ରେନ୍‌ଗୁଡିକ ରାଉରକେଲା, ବିରମିତ୍ରପୁର, ବାଙ୍ଗିରିପୋଷି, ଜୁନାଗଡ଼ ରୋଡ୍, ବାଦାମପାହଡ଼, ବୌଦ୍ଧ, ଜଗଦଳପୁର (ଛତିଶଗଡ), ବାଲେଶ୍ୱର, ଅନୁଗୁଳ, ଗୁଣୁପୁର, ରାୟଗଡ଼ା, ପାରାଦୀପ, ଭଦ୍ରକ, କେନ୍ଦୁଝର, ଦଶପଲ୍ଲା, ଖୋର୍ଦ୍ଧା ରୋଡ଼, ସମ୍ବଲପୁର, ତାଳଚେର, କଟକ, ବ୍ରହ୍ମପୁର, ଢେଙ୍କାନାଳ, ବଡ଼ବିଲ, ପଲାସା ଏବଂ ବିଶାଖାପାଟନମ୍ (ଆନ୍ଧ୍ରପ୍ରଦେଶ), ଗୋଣ୍ଡିଆ (ମହାରାଷ୍ଟ୍ର) ଏବଂ ସାନ୍ତ୍ରାଗାଛି (କୋଲକାତା) ଠାରୁ ପୁରୀକୁ ଚଳାଚଳ କରୁଅଛି।

ଏହି ବିଶାଳ ତୀର୍ଥଯାତ୍ରୀ ଜନସମାଗମକୁ ପରିଚାଳନା କରିବା ପାଇଁ ପୁରୀରେ ପ୍ରାୟ ୨୫,୦୦୦ ତୀର୍ଥଯାତ୍ରୀଙ୍କ ସୁବିଧା ପାଇଁ ମିଳିତ କ୍ଷମତା ବିଶିଷ୍ଟ ଉତ୍ସର୍ଗୀକୃତ ତୀର୍ଥଯାତ୍ରୀ ପ୍ରତୀକ୍ଷା କ୍ଷେତ୍ର ଏବଂ ମେଳା ସେଡ୍ ପ୍ରତିଷ୍ଠା କରାଯାଇଛି। ଏହି ମେଳା ସେଡ୍ ଠାରେ ଯାତ୍ରୀମାନଙ୍କ ସୁବିଧା ପାଇଁ ବିଭିନ୍ନ ବ୍ୟବସ୍ଥା କରାଯାଇଅଛି। ଚତୁର୍ପାର୍ଶ୍ୱ ଘେରା ଦିଆଯାଇ ବସିବା ବ୍ୟବସ୍ଥା, ପାନୀୟ ଜଳ ବୁଥ୍ ଏବଂ ମଡ୍ୟୁଲାର୍ ଶୌଚାଳୟ. ମୋବାଇଲ୍ ଚାର୍ଜିଂ ପଏଣ୍ଟ ଏବଂ ଛାଇଯୁକ୍ତ ବିଶ୍ରାମ କ୍ଷେତ୍ର, ଆମ୍ବୁଲାନ୍ସ ସହାୟତା ସହିତ ପ୍ରାଥମିକ ଚିକିତ୍ସା ଏବଂ ଚିକିତ୍ସା କେନ୍ଦ୍ର, ଟିକେଟ୍ କାଉଣ୍ଟର, ମୋବାଇଲ୍ ଟିକେଟିଂ ୟୁନିଟ୍, ଏଟିଭିଏମ୍ ଏବଂ ଇକୋର ଯାତ୍ରା ମୋବାଇଲ୍ ଆପ୍ ସେବା।

ଏହା ସହିତ, ବିଶାଖାପାଟଣା ଏବଂ ପଲାସା (ଆନ୍ଧ୍ର ପ୍ରଦେଶ), ଜଗଦଳପୁର ଏବଂ ଗୋଣ୍ଡିଆ (ମହାରାଷ୍ଟ୍ର) ଏବଂ ସାନ୍ତ୍ରାଗାଛି (ପଶ୍ଚିମବଙ୍ଗ)ରୁ ସ୍ୱତନ୍ତ୍ର ଟ୍ରେନ ଚଳାଚଳ କରିବ। ଏହା ସହିତ ଛାଟଟିସଗାଡ଼ ଓ ଝାଡ଼ଖଣ୍ଡର କିଛି ଅଂଶ ମଧ ସ୍ୱତନ୍ତ୍ର ଟ୍ରେନ ସହିତ ସଂଯୋଗ ହେବ। ପୂର୍ବତଟ ରେଳବାଇର ଏହି ପ୍ରୟାସଗୁଡ଼ିକ କେବଳ ଲଜିଷ୍ଟିକ୍ ଉତ୍କୃଷ୍ଟତାକୁ ପ୍ରତିଫଳିତ କରେ ନାହିଁ ବରଂ ଅନ୍ତର୍ଭୁକ୍ତି ଏବଂ ଭକ୍ତି ପ୍ରତି ଏକ ପ୍ରତିବଦ୍ଧତାକୁ ପ୍ରତିଫଳିତ କରି ସୁନିଶ୍ଚିତ କରାଏ ଯେ କୌଣସି ଭକ୍ତ ଯେକୌଣସି ସ୍ଥାନର ହେଉ ଯେପରି ଏହି ସୁବିଧାକୁ ଉପଲବ୍ଧି କରିପାରିବ।

ଯାତ୍ରୀମାନଙ୍କୁ ଯାତ୍ରା ପୂର୍ବରୁ ସରକାରୀ ରେଳବାଇ ୱେବ୍‌ସାଇଟ୍, ଆପ୍ ଏବଂ ସାର୍ବଜନୀନ ଘୋଷଣା ମାଧ୍ୟମରେ ଟ୍ରେନ ସମୟସୂଚୀ ଏବଂ ସଂରକ୍ଷଣ ଉପଲବ୍ଧତା ଯାଞ୍ଚ କରିବାକୁ ଅନୁରୋଧ କରାଯାଇଛି। ଗୁଣ୍ଡିଚା ଯାତ୍ରା, ସନ୍ଧ୍ୟା ଦର୍ଶନ, ବାହୁଡ଼ା ଯାତ୍ରା ଏବଂ ସୁନାବେଶ ସମେତ ଉତ୍ସବ ଦିନ ଗୁଡ଼ିକ ନିକଟରେ ସମସ୍ତ ଆବଶ୍ୟକୀୟ ଅପଡେଟ୍ ପ୍ରଦାନ କରାଯିବ।

# ଦେଶରେ ଶ୍ରେଷ୍ଠ ମେଡିକାଲ କଲେଜ ମଧ୍ୟରେ ଦ୍ୱାଦଶ ସ୍ଥାନରେ ଏମ୍ସ ଭୁବନେଶ୍ୱର

**ଭୁବନେଶ୍ୱର, ନ୍ୟୁଜ୍‌ବ୍ୟୁରୋ**



ଉତ୍କର୍ଷତାର ଉଲ୍ଲେଖନୀୟ ଯାତ୍ରା ଜାରି ରଖିବା ସହିତ, ଜାତୀୟ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ ଏମ୍ସ ଭୁବନେଶ୍ୱର, ପ୍ରତିଷ୍ଠିତ ଇଣ୍ଡିଆ ଟୁଡେ-ଏମଡିଆରଏ ମେଡିକାଲ କଲେଜ ସର୍ଭେ ୨୦୨୫ରେ ସମଗ୍ର ଦେଶରେ ଦ୍ୱାଦଶ ଶ୍ରେଷ୍ଠ ମେଡିକାଲ କଲେଜ ଭାବେ ସ୍ଥାନ ପାଇଛି। ଏଥିସହିତ ଏହି ପ୍ରତିଷ୍ଠାନ ଦେଶର ଶ୍ରେଷ୍ଠ ୧୦ ଉଦୀୟମାନ ମେଡିକାଲ କଲେଜ ବର୍ଗରେ ମଧ୍ୟ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଯାହାକି ଗୁଣାତ୍ମକ ସ୍ୱାସ୍ଥ୍ୟ ସେବା ଏବଂ ମେଡିକାଲ୍ ଶିକ୍ଷା କ୍ଷେତ୍ରରେ ଶ୍ରେଷ୍ଠତାର ଦ୍ରୁତ ବର୍ଦ୍ଧିତ ପ୍ରତିଷ୍ଠାର ପ୍ରମାଣ ଦେଇଛି।

ଏହି ମାଇଲଖୁଣ୍ଟ ଶିକ୍ଷାଗତ ଉତ୍କର୍ଷତା, ଅତ୍ୟାଧୁନିକ ଗବେଷଣା ଏବଂ ସମର୍ପିତ ରୋଗୀ ସେବା ପ୍ରତି ଏମ୍ସ ଭୁବନେଶ୍ୱରର ଅଟଳ ପ୍ରତିବଦ୍ଧତାକୁ ପ୍ରତିଫଳିତ କରେ। ‘ଇସେଟକ୍ କ୍ୱାଲିଟି ଆଣ୍ଡ ଗଭର୍ନାନ୍ସ’, ‘ଏକାଡେମୀକ ଉତ୍କର୍ଷତା’, ‘ଭିତ୍ତିଭୂମି ଏବଂ ଅଭିଜ୍ଞତା’, ‘ବ୍ୟକ୍ତିତ୍ୱ ଏବଂ ନେତୃତ୍ୱ ବିକାଶ’, ‘ବୃତିଗତ ଉନ୍ନତି ଏବଂ ପ୍ଲେସମେଣ୍ଟ’ ଆଦି ଭଳି ପାସଙ୍ଗଟି ବ୍ୟାପକ ପାରାମିଟରକୁ ନେଇ ଗଠିତ ମାପଦଣ୍ଡ ଆଧାରରେ ସାରା ଦେଶରେ ଥିବା ମେଡିକାଲ କଲେଜଗୁଡ଼ିକୁ ନେଇ ଏହି ସର୍ଭେ କରାଯାଇଥିଲା। ଇଣ୍ଡିଆ ଟୁଡେ ପକ୍ଷରୁ ଏହି ସମ୍ମାନଜନକ ସର୍ଭେ ଖ୍ୟାତନାମା ଅନୁସନ୍ଧାନ ଏଜେନ୍ସି ମାର୍କେଟିଂ ଆଣ୍ଡ ଡେଭଲପମେଣ୍ଟ ରିସର୍ଚ୍ଚ ଆସୋସିଏଟ୍ସ (ଏମଡିଆରଏ) ସହିତ ମିଳିତ ଭାବରେ କରାଯାଇଛି।

ଏହି ଅବସରରେ ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ କହିଛନ୍ତି ଯେ ଏହି ମାନ୍ୟତା ଉତ୍କର୍ଷତା ପାଇଁ ଆମର ନିରନ୍ତର ପ୍ରୟାସର ପ୍ରତିଫଳନ। ଏମ୍ସ ଭୁବନେଶ୍ୱର ସ୍ୱାସ୍ଥ୍ୟସେବା ଏବଂ ଚିକିତ୍ସା ବିଜ୍ଞାନରେ ବିଶ୍ୱାସ, ନବସୃଜନ ଏବଂ ଅଖଣ୍ଡତାର ପ୍ରତୀକ ଭାବରେ ଉଭା ହୋଇଛି। ଏହିପରି ଜାତୀୟ ରାଙ୍କିଂରେ ଆମର ନିରନ୍ତର ବୃଦ୍ଧି ଭବିଷ୍ୟତର ଚିକିତ୍ସକଙ୍କୁ ପ୍ରସ୍ତୁତ କରିବା ସହିତ ସର୍ବୋତ୍ତମ ରୋଗୀ ଫଳାଫଳ ସୁନିଶ୍ଚିତ କରିବା ପ୍ରତି ଆମର ସାମଗ୍ରିକ ଆଭିମୁଖ୍ୟକୁ ପ୍ରଦର୍ଶନ କରେ।’

୨୦୨୧ରେ ଏହି ସର୍ଭେରେ ଏମ୍ସ ଭୁବନେଶ୍ୱର ୨୫ତମ ସ୍ଥାନ ପାଇଥିଲା। ୨୦୨୫ରେ ଏହି ସୂଚୀରେ ୧୨ତମ ସ୍ଥାନକୁ ଉନ୍ନୀତ ହେବା ଏମ୍ସର ଦଳଗତ କାର୍ଯ୍ୟ ଏବଂ ଦୂରଦୃଷ୍ଟିପୂର୍ଣ୍ଣ ନେତୃତ୍ୱର ପରାକାଷ୍ଠାର ନିଦର୍ଶନ ବୋଲି ଡ. ବିଶ୍ୱାସ ମତବ୍ୟକ୍ତ କରିଛନ୍ତି। ଏମ୍ସ ଭୁବନେଶ୍ୱରର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ବିଶ୍ୱାସ ଏଭଳି ସଫଳତାରେ ଖୁସି ବ୍ୟକ୍ତ କରିବା ସହିତ ସମସ୍ତଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଏନେଇ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ଡିନ୍ (ପରୀକ୍ଷା) ଡ. ସୌଭାଗ୍ୟ କୁମାର ଜେନା, ମେଡିକାଲ୍ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଡିଡିଏ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଭିଜିତ ସରକାର, କୁଳସଚିବ ଡ. ସୁଦୀପ୍ତ ରଂଜନ ସିଂହ, ଡ. ଗୌରବ ଛାବ୍ରା, ଡ. ପଙ୍କଜ କୁମାର, ଡ. ଦେବପ୍ରିୟ ବନ୍ଦୋପାଧ୍ୟାୟ, ଡ. ସିପ୍ରା ରାଉତ ଏବଂ ଡ. ମାଙ୍ଗାନି ମଙ୍ଗଳାବଲ୍ଲୀ ପ୍ରମୁଖ ଯୋଗ ଦେଇଥିଲେ।

# ନାଲ୍‌କୋ ପକ୍ଷରୁ ଆଇଏ୯୦ ଗ୍ରେଡ୍ ଆଲୁମିନିୟମ ଆଲୟ ଇଙ୍ଗଟ ର ବଜାର ପ୍ରବେଶ

**ଭୁବନେଶ୍ୱର/ଅନୁଗୋଳ**
**ନ୍ୟୁଜ୍‌ବ୍ୟୁରୋ**



ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧିନସ୍ଥ ନବରତ୍ନ ଲୋକ ଉଦ୍ୟୋଗ, ନ୍ୟାସନାଲ ଆଲୁମିନିୟମ କମ୍ପାନୀ ଲିମିଟେଡ୍ (ନାଲ୍‌କୋ) ନିଜର ଉତ୍ପାଦ ପୋର୍ଟଫୋଲିଓର ବିସ୍ତାର କରିବା ସହ ଅଟୋମୋବାଇଲ କ୍ଷେତ୍ରରେ ବଢୁଥିବା ଅବଶ୍ୟକତାକୁ ପୂରଣ କରିବା ନିମନ୍ତେ ଏକ ସ୍ୱତନ୍ତ୍ର ଆଲୁମିନିୟମ ଆଲୟ ଇଙ୍ଗଟ ଆଇଏ୯୦ର ବଜାର ପ୍ରବେଶ କରାଇଛି। ନାଲ୍‌କୋର ନିର୍ଦ୍ଦେଶକ (ବାଣିଜ୍ୟିକ) ସଦାଶିବ ସାମନ୍ତରାୟ ଅନୁଗୁଳସ୍ଥିତ ସ୍ମେଲଟର ଏବଂ ପାୱାର କମ୍ପ୍ଲେକ୍ସର ବରିଷ୍ଠ ଅଧିକାରୀଙ୍କ ଉପସ୍ଥିତିରେ ଆନୁଷ୍ଠାନିକ ଭାବରେ ଏହି ନୂତନ ଗ୍ରେଡ୍ ଇଙ୍ଗଟକୁ ଅନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ବଜାର ପ୍ରବେଶ କରିଛନ୍ତି। ଏହି ଇଙ୍ଗଟ ଅଧିକ ମଜବୁତ ଏବଂ କ୍ଷୟ ପ୍ରତିରୋଧି ହେବା ସହ ଅଟୋମୋଟିଭ୍ ପ୍ରୟୋଗ ନିମନ୍ତେ ସ୍ୱତନ୍ତ୍ର ଭାବେ ଡିଜାଇନ କରାଯାଇଛି। ଉଚ୍ଚ ଶକ୍ତି ସହ ଉତ୍କୃଷ୍ଟ କାଷ୍ଟିଙ୍ଗ କ୍ଷମତା ହେତୁ ଏହାକୁ ହୁଇଲ, ଇଞ୍ଜିନ ବ୍ଲକ୍, ସିଲିଣ୍ଡର ହେଡ୍ ଏବଂ ଅଟୋମୋଟିଭ୍ କ୍ଷେତ୍ରରେ ଅନ୍ୟାନ୍ୟ ଗଠନମୂଳକ ଉପାଦାନଗୁଡ଼ିକର ଉତ୍ପାଦନ ପାଇଁ ବ୍ୟବହାର କରାଯାଇ ପାରିବ। ଉଲ୍ଲେଖଯୋଗ୍ୟ ଯେ, ଆଇଏ୯୦ର ବଜାର ପ୍ରବେଶ ଫଳରେ ଘରୋଇ ଆଲୁମିନିୟମ ବଜାରରେ ନାଲ୍‌କୋ ନିଜର ପ୍ରତିଷ୍ଠାକୁ ଆହୁରି ସୁଦୃଢ କରିପାରିଛି।

# ଚୀନରେ ଆତଙ୍କବାଦ ବିରୋଧରେ ବର୍ଷିଲେ ରାଜନାଥ



**ସାଂଘାଇ**

ସଂଘାଇ ସହଯୋଗ ସଂଗଠନ (ଏସସିଓ) ପ୍ରତିରକ୍ଷା ମନ୍ତ୍ରୀମାନଙ୍କ ବୈଠକରେ ଗୁରୁବାର ଦିନ ଚୀନରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ସୀମାପାର ଆତଙ୍କବାଦ ପାଇଁ ପଡୋଶୀ ରାଷ୍ଟ୍ର ପାକିସ୍ତାନକୁ ନିନ୍ଦା କରିଛନ୍ତି।

ରାଜନାଥ ପାକ୍‌କୁ ନିନ୍ଦା କରିବା ସହିତ ଅନ୍ୟ ସଦସ୍ୟ ରାଷ୍ଟ୍ରମାନଙ୍କୁ ଆତଙ୍କବାଦ ବିରୋଧରେ ସ୍ୱର ଉଠାଇବାକୁ ଅନୁରୋଧ କରିଛନ୍ତି। ସେ ପହଲଗାମ ଆକ୍ରମଣ ପରେ ଆରମ୍ଭ ହୋଇଥିବା ଅପରେସନ ସିନ୍ଦୂରକୁ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦର ଜବାବ ଭାବରେ ଉଲ୍ଲେଖ କରିଛନ୍ତି।

ସିଂହ କହିଛନ୍ତି ଯେ ଅପରେସନ ସିନ୍ଦୂର ହେଉଛି ଏକ ଆଗୁଆ ଆକ୍ରମଣ, ଯାହା ସୀମାପାର ଆତଙ୍କବାଦୀ ଆକ୍ରମଣକୁ ରୋକିବା ଏବଂ ସୀମାପାର ଆତଙ୍କବାଦୀ ଭିତ୍ତିଭୂମିକୁ ଭାଙ୍ଗିବା ପାଇଁ ଆରମ୍ଭ କରାଯାଇଥିଲା। ପାକିସ୍ତାନକୁ ସିଧାସଳଖ ସମାଲୋଚନା କରି ରାଜନାଥ ସିଂହ କହିଛନ୍ତି, କିଛି ଦେଶ ସୀମାପାର ଆତଙ୍କବାଦକୁ ନୀତିର ଏକ ଅସ୍ତ୍ର ଭାବରେ ବ୍ୟବହାର କରନ୍ତି ଏବଂ ଆତଙ୍କବାଦୀଙ୍କୁ ଆଶ୍ରୟ ଦିଅନ୍ତି। ଏପରି ଦ୍ୱନ୍ଦ୍ୱ ମାନଦଣ୍ଡ ପାଇଁ କୌଣସି ସ୍ଥାନ ରହିବା ଉଚିତ ନୁହେଁ। ଏସସିଓ ଏପରି ରାଷ୍ଟ୍ରଗୁଡ଼ିକୁ ସମାଲୋଚନା କରିବାକୁ ସଂକୋଚ କରିବା ଉଚିତ ନୁହେଁ। ରାଜନାଥ ସିଂହ ଆତଙ୍କବାଦ ପ୍ରତି ଶୂନ୍ୟ ସହନଶୀଳତା ପ୍ରଦର୍ଶନ କରିବା ପାଇଁ ଭାରତ ଦ୍ୱାରା ନିଆଯାଇଥିବା ଅନେକ ପଦକ୍ଷେପ ଉପରେ ମଧ୍ୟ ଆଲୋକପାତ କରିଥିଲେ। ଆମେ ଦେଖାଇଛୁ ଯେ ଆତଙ୍କବାଦର କେନ୍ଦ୍ରସ୍ଥଳଗୁଡ଼ିକ ଆଉ ସୁରକ୍ଷିତ ନୁହେଁ ଏବଂ ଆମେ ସେମାନଙ୍କୁ ଟାର୍ଗେଟ କରିବାକୁ ସଂକୋଚ କରିବୁ ନାହିଁ ବୋଲି ସେ କହିଛନ୍ତି।

# ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ୍ ପକ୍ଷରୁ ସେବା ପ୍ରଦାନ

**ପୁରୀ, ନ୍ୟୁଜ୍‌ବ୍ୟୁରୋ**

ଚଳିତ ବର୍ଷ ଆହ୍ଲାବାଦର ପ୍ରୟାଗରାଜ୍ ଠାରେ ହୋଇଥିବା ମହାକୁମ୍ଭ ମେଳାରେ ଆଦାନୀ ଗ୍ରୁପର ସ୍ୱେଚ୍ଛାକୃତ ସେବା ଲୋକଙ୍କ ବିଶ୍ୱାସ ଭାଜନ ହୋଇପାରିଛି। ଏହାକୁ ପାଥେୟ କରି ଲୋକଙ୍କ ଧାର୍ମିକ ଭାବନାକୁ ବଜାୟ ରଖି ବିଶ୍ୱ ପ୍ରସିଦ୍ଧ ପୁରୀ ରଥଯାତ୍ରାରେ ଆଦାନୀ ଗ୍ରୁପ ଏହାର ଦ୍ୱିତୀୟ ପଦକ୍ଷେପ ସ୍ୱରୂପ ସେବା ଯୋଗାଇବା ପାଇଁ ସ୍ଥିର କରିଛି। ମହାପ୍ରଭୁ ଜଗନ୍ନାଥଙ୍କ ଏହି ନବଦିନାତ୍ମକ ଯାତ୍ରାରେ ଭାରତ ତଥା ବିଶ୍ୱର କୋଣ ଅନୁକୋଣରୁ ଲକ୍ଷାଧିକ ଭକ୍ତଙ୍କ ସମାଗମ ହୋଇଥାଏ।

ଆଦାନୀ ଗ୍ରୁପର କର୍ପୋରେଟ ସାମାଜିକ ଦାୟିତ୍ୱ (ସିଏସ୍‌ଆର୍) କାର୍ଯ୍ୟଧାରା ସ୍ଥାନୀୟ ଅଞ୍ଚଳର ଭିତ୍ତିଭୂମି ବିକାଶ, ଶିକ୍ଷା, ସ୍ୱାସ୍ଥ୍ୟ ଦିଗରେ ପରିବ୍ୟାପ୍ତ ହୋଇ ରହିଛି। ଦିନକୁ ଦିନ ଏହାର ବୃଦ୍ଧି ଘଟି ପ୍ରତ୍ୟକ୍ଷ ଏବଂ ପରୋକ୍ଷ ଭାବେ ସହଭାଗିତା ଭାରତର ଆଧ୍ୟାତ୍ମିକ ଏବଂ ସାଂସ୍କୃତିକ ଜୀବନଧାରାକୁ ‘ସେବକ’ ଭାବେ ଉତ୍ସର୍ଗୀକୃତ କରିଆସିଛି। ଆଦାନୀ ଗ୍ରୁପ୍‌ର ଅଧ୍ୟକ୍ଷ ଗୌତମ ଆଦାନୀଙ୍କ ‘ସେବା ହି ସାଧନା ହୈ’ (ସେବା ହିଁ ପୂଜା) ବିଶ୍ୱାସକୁ ପାଳନ କରି, ଜୁନ ୨୬ ତାରିଖରୁ ଜୁଲାଇ ୮ ତାରିଖ ପର୍ଯ୍ୟନ୍ତ ରଥଯାତ୍ରା ସମୟରେ ତୀର୍ଥଯାତ୍ରୀ ଏବଂ ପଦସ୍ଥ ଅଧିକାରୀ ମାନଙ୍କୁ ସମର୍ଥନ ଯୋଗାଇବା ପାଇଁ ପ୍ରୟାସ ଆରମ୍ଭ କରିଛି।

ଚଳିତ ବର୍ଷ ପୁରୀ ରଥଯାତ୍ରାରେ ଶ୍ରଦ୍ଧାଳୁ ଏବଂ ସ୍ୱେଚ୍ଛାସେବୀମାନଙ୍କୁ ପ୍ରାୟ ୪ ନିୟୁତ ଖାଦ୍ୟ ଓ ପାନୀୟ ଜଳ ବଣ୍ଟନ କରାଯାଇଛି ଯେଉଁଠାରେ ମାଗଣା ପୌଷ୍ଟିକଯୁକ୍ତ ଖାଦ୍ୟର ବ୍ୟବସ୍ଥା କରାଯାଇଥିଲା। ଓଡ଼ିଶା ଗ୍ରୀଷ୍ମକୁ ପ୍ରତିହତ କରିବା ପାଇଁ ପାନୀୟ ଜଳ କାଉଣ୍ଟର ଗୁଡ଼ିକରେ ସାରା ସହରରେ ପାନୀୟ ଜଳର ବ୍ୟବସ୍ଥା ହୋଇଛି। ପୁରୀ ବେଳାଭୂମିରେ ପର୍ଯ୍ୟଟକଙ୍କ ପାଇଁ ଲାଇଫ୍‌ଗାର୍ଡ଼ ମହାସଂଘକୁ ସହାୟତା, ପ୍ଲାଷ୍ଟିକ ମୁକ୍ତ ବେଳାଭୂମି ପାଇଁ ସ୍ୱେଚ୍ଛାସେବୀ, ପଦସ୍ଥ ଅଧିକାରୀ ମାନଙ୍କ ପାଇଁ ମାଗଣା ଟି-ସାର୍ଟ, ପୌର କର୍ମଚାରୀଙ୍କ ପାଇଁ ଫ୍ଲୋରେସେଣ୍ଟ ଜ୍ୟାକେଟ, ଅଧିକାରୀ ଏବଂ ଶ୍ରଦ୍ଧାଳୁଙ୍କ ପାଇଁ ବିଭିନ୍ନ ପ୍ରକାର ଜ୍ୟାକେଟ, ରେନକୋଟ୍, କ୍ୟାପ୍ ଏବଂ ଛତାର ବ୍ୟବସ୍ଥା କରାଯାଇଛି। ଆଦାନୀ ଗ୍ରୁପ୍‌ର ଏହି ସେବା ଭିତ୍ତିକ ପଦକ୍ଷେପ, ପୁରୀ ଜିଲ୍ଲା ପ୍ରଶାସନ, ଇସ୍କନ ଏବଂ ସ୍ଥାନୀୟ ସ୍ୱେଚ୍ଛାସେବୀ ସଂଗଠନ ମଧ୍ୟରେ ମିଳିତ ସହଯୋଗରେ ଆରମ୍ଭ କରାଯାଇଛି।

# କ୍ୟାପିଟାଲ ହସ୍ପିଟାଲର ନୂତନ ବିଲ୍ଡିଂର ଅଗ୍ରଗତିର ସମୀକ୍ଷା କଲେ ସ୍ୱାସ୍ଥ୍ୟମନ୍ତ୍ରୀ

**ଭୁବନେଶ୍ୱର:ନ୍ୟୁଜ୍ ବ୍ୟୁରୋ**

ଭୁବନେଶ୍ୱର ସ୍ଥିତ କ୍ୟାପିଟାଲ ହସ୍ପିଟାଲର ନୂତନ ବିଲ୍ଡିଂର ଅଗ୍ରଗତିର ସମୀକ୍ଷା କରିବା ସହ କାର୍ଯ୍ୟର ସ୍ଥିତି ସମ୍ପର୍କରେ ବିସ୍ତୃତ ଆଲୋଚନା କରିଛନ୍ତି ସ୍ୱାସ୍ଥ୍ୟମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ। ମେଡିକାଲ କଲେଜ ବିଲ୍ଡିଂ କାର୍ଯ୍ୟ ତ୍ୱରାନ୍ୱିତ କରିବା ସହ ଯଥାଶୀଘ୍ର ଶେଷ କରିବା ପାଇଁ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ମନ୍ତ୍ରୀ।

ଏହି ଅବସରରେ ମନ୍ତ୍ରୀ କହିଛନ୍ତି ଯେ, ଏହି ମେଡିକାଲ କଲେଜରେ ଆଗାମୀ ଦିନରେ ୟୁଜି ପାଠ୍ୟକ୍ରମ ଖୋଲାଯିବ। ଯାହାକି ରାଜ୍ୟରେ ମେଡିକାଲ ଶିକ୍ଷା ଏବଂ ସ୍ୱାସ୍ଥ୍ୟ ସେବା କ୍ଷେତ୍ରରେ ଏକ ବୈପ୍ଳବିକ ପରିବର୍ତ୍ତନ ଆଣିବ। ଏହି ଅବସରରେ କ୍ୟାପିଟାଲ ହସ୍ପିଟାଲର ନିର୍ଦ୍ଦେଶକ, ସୁପରିଟେଣ୍ଡେଣ୍ଟ, ଡିଏମଇଟି ନିର୍ଦ୍ଦେଶକ, ମେଡିକାଲ କଲେଜର ବରିଷ୍ଠ ଅଧିକାରୀ, ପୂର୍ତ୍ତ ବିଭାଗର ଅଧିକାରୀ, ବିଏମସି ପ୍ରତିନିଧି, ନିର୍ମାଣକାରୀ ସଂସ୍ଥାର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ସିଂହଦ୍ୱାର...

ଟ୍ରାଫିକ୍ ରୁଟ୍ ଭିଡିଓ ଜାରି କରିଛି ପୋଲିସ। ଚଳିତ ବର୍ଷ ରଥଯାତ୍ରାକୁ ଶାନ୍ତି ଶୃଙ୍ଖଳାର ସହିତ ଆୟୋଜନ କରିବା ପାଇଁ ରାଜ୍ୟ ସରକାର, ପୁରୀ ଜିଲ୍ଲା ପ୍ରଶାସନ ଓ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ଆବଶ୍ୟକ ବନ୍ଦୋବସ୍ତ କରାଯାଇଛି। ସବୁଠାରୁ ବଡ଼ କଥା ହେଲା ରଥଯାତ୍ରା ସମୟରେ ସୁରକ୍ଷା ବ୍ୟବସ୍ଥା ଓ ଭିଡ଼ ପରିଚାଳନା ଯେପରି ସୁରୁଖୁରୁରେ ସଂପନ୍ନ ହେବ ତା ଉପରେ ଅଧିକ ଗୁରୁତ୍ୱ ଦିଆଯାଇଛି। ପୁଲିସ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ କହିଛନ୍ତି, ଚଳିତବର୍ଷ ପୁଲିସ ବ୍ୟବସ୍ଥାକୁ ୮ଟି ଭାଗରେ ବିଭକ୍ତ କରାଯାଇଛି। ଟ୍ରାଫିକ ବ୍ୟବସ୍ଥା, ଶ୍ରୀମନ୍ଦିର ଭିତର ସୁରକ୍ଷା, କର୍ଡନ ଭିତର ସୁରକ୍ଷା, କର୍ଡନ ବାହାର ସୁରକ୍ଷା, ଗହଳି ନିୟନ୍ତ୍ରଣ, ସୁରକ୍ଷା ବ୍ୟବସ୍ଥା, କୋଷ୍ଟାଲ ବ୍ୟବସ୍ଥା ମଧ୍ୟ କରାଯାଇଛି। ପ୍ରଥମ ଥର ପାଇଁ ଇଣ୍ଟିଗ୍ରେଟେଡ କମାଣ୍ଡ ଆଣ୍ଡ କଣ୍ଟ୍ରୋଲ ସିଷ୍ଟମ କରାଯାଇଛି। ଏହି ଇଣ୍ଟିଗ୍ରେଟେଡ କଣ୍ଟ୍ରୋଲ ରୁମ୍‌ରେ ରହି ୨୭୫ଟି ଏଆଇ କ୍ୟାମେରା ମାଧ୍ୟମରେ ଉତ୍ତରା ଛକରୁ ପୁରୀ ସହର, ପୁରୀରୁ କୋଣାର୍କ ଓ ପୁରୀ ସହରାଞ୍ଚଳର କୌଣସିଠାରେ ଟ୍ରାଫିକ ଜାମ ସମସ୍ୟାର ମୁକାବିଲା ପାଇଁ ନିଷ୍ପତ୍ତି ନେଇହେବ। ସେହିପରି ଆଣ୍ଟି ଡ୍ରୋନ ସିଷ୍ଟମ୍, ବହୁ ସଂଖ୍ୟାରେ ଆଣ୍ଟି ସାବୋଟାଜ ଟିମ୍, ଡଗ ସ୍କ୍ୱାଡ ମୁତୟନ କରାଯାଇଛି। ସେହିପରି ଚଳିତବର୍ଷ ୨୧ ଆଇପିଏସ୍, ୧୨ଶହ ଅଫିସରଙ୍କ ସହିତ ୨୦୫ ପ୍ଲାଟୁନ ପୁଲିସ ଫୋର୍ସର ବ୍ୟବସ୍ଥା କରାଯାଇଛି। ଜଳପଥ ତଟ ସୁରକ୍ଷା ପାଇଁ ମେରାଇନ ପୁଲିସ ଟିମ୍, କୋଷ୍ଟଗାର୍ଡ, ନୌବାହିନୀ (ନାଭାଲ୍)ର ପାଟ୍ରୋଲିଂ ରହିବ କୋଷ୍ଟଗାର୍ଡର ଆଉ ଏକ ଟିମ ଆକାଶମାର୍ଗରୁ ସମୁଦ୍ରକୂଳକୁ ତୀକ୍ଷ୍ଣ ନଜର ରଖିବେ। ଟ୍ରାଫିକ ବ୍ୟବସ୍ଥାର ସୁବନ୍ଦୋବସ୍ତ କରିବା ପାଇଁ ଏକ ନୂଆ ଆପ ଖୋଲାଯାଇଛି। ଏହି ଆପ ମାଧ୍ୟମରେ ଲୋକମାନେ ଯାଆସ କରିବାକୁ ଅନୁରୋଧ କରାଯାଇଛି। ରଥଯାତ୍ରା ପୂର୍ବରୁ କଂଟ୍ରୋଲ ରୁମ ପରିଦର୍ଶନ କରିଛନ୍ତି ଡିଜିପି। ଏନେଇ ଓଡ଼ିଶା ପୋଲିସ ପକ୍ଷରୁ ସୂଚନା ଦିଆଯାଇଛି। ପୋଲିସ ପକ୍ଷରୁ କୁହାଯାଇଛି ଯେ, ଚତୁର୍ଦ୍ଧାମୂର୍ତ୍ତୀଙ୍କ ବିଶ୍ୱପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ ଭାବେ ଆୟୋଜନ କରିବା ପାଇଁ ଓଡ଼ିଶା ପୋଲିସ ସଂପୂର୍ଣ୍ଣ ପ୍ରସ୍ତୁତ।

## ସାମୟିକ କର୍ମଚାରୀ...

ସାମୟିକ କର୍ମଚାରୀମାନେ କାର୍ଯ୍ୟରୁ ଅନ୍ତର ହେଲେ ସେମାନଙ୍କୁ ଏକକାଳୀନ ୨.୫ ଲକ୍ଷ ଟଙ୍କା ମିଳିବ। ଯଦି ସାମୟିକ କର୍ମଚାରୀମାନେ ନିୟମିତ ପଦବୀକୁ ଯାଇଥିବେ କିନ୍ତୁ ୫ ବର୍ଷ ପୂରଣ କରିନଥିବେ ତେବେ ସେ କ୍ଷେତ୍ରରେ ସେମାନଙ୍କୁ ମଧ ୨.୫ ଲକ୍ଷ ଟଙ୍କା ଏକକାଳୀନ ରାଶି ମିଳିବ। ନିୟମିତ ପଦବୀରେ ୫ ବର୍ଷରୁ ଅଧିକ ସମୟ କାମ କରିଥିଲେ, କାର୍ଯ୍ୟ ନିବୃତ୍ତ ସମୟରେ ସେମାନେ ସର୍ବନିମ୍ନ ଗ୍ରାଚ୍ୟୁଇଟି ୨.୫ ଲକ୍ଷ ଟଙ୍କା ପାଇବେ। ଏହା ସହିତ ଏହି ଏକକାଳୀନ ଗ୍ରାଚ୍ୟୁଇଟି ପରିମାଣ ପ୍ରତି ଦୁଇ ବର୍ଷରେ ୧୦ ପ୍ରତିଶତ ଲେଖାଏଁ ବୃଦ୍ଧି ପାଇବ ବୋଲି ନିଷ୍ପତ୍ତି ନିଆଯାଇଛି। ଏହି ବୃଦ୍ଧି ପାଇଁ ଅର୍ଥ ବିଭାଗର ଅନୁମୋଦନ ଆବଶ୍ୟକତା ପଡିବ ନାହିଁ। ବିଭାଗ ମାନେ ନିଜେ ପ୍ରତି ଦୁଇ ବର୍ଷରେ ଏହି ପରିମାଣ ବୃଦ୍ଧି କରି ପାରିବେ।

## ନିବେଶ ହେବ...

ସ୍ୱାକ୍ଷର ହୋଇଥିଲା। ଲୋକସେବା ଭବନଠାରେ ଆୟୋଜିତ ଏହି ଚୁକ୍ତିନାମା ସ୍ୱାକ୍ଷର କାର୍ଯ୍ୟକ୍ରମରେ, ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟରେ ସାମୁଦ୍ରିକ ବାଣିଜ୍ୟର ବିକାଶ ପାଇଁ ବିଭିନ୍ନ ଘରୋଇ କମ୍ପାନୀ ସହିତ ସହଭାଗୀତା ଭିତ୍ତିରେ କାର୍ଯ୍ୟ କରାଯିବାର ଲକ୍ଷ୍ୟ ରଖାଯାଇଛି। ଆଗାମୀ ଦିନରେ ଇଞ୍ଚୁଡି ଓ ବାହୁଡାଠାରେ ଦୁଇଟି ନୂଆ ବନ୍ଦର ପ୍ରତିଷ୍ଠାର ଲକ୍ଷ୍ୟ ରଖାଯାଇଥିବା ବେଳେ ସୁବର୍ଣ୍ଣରେଖା ଓ ଅସ୍ତରଙ୍ଗ ବନ୍ଦରର ବିକାଶ ପାଇଁ ମଧ ଯୋଜନା ରହିଛି। ସେ ପୁଣି କହିଥିଲେ ଯେ, ଗୋପାଳପୁର ବନ୍ଦର ଲିମିଟେଡ ଏବଂ ଜେ.ଏସ୍.ଡବ୍ଲୁ ଷ୍ଟିଲର ଉଭୟ ବନ୍ଦର ବିକାଶ ଓ ଇସ୍ପାତ ଉତ୍ପାଦନ କ୍ଷେତ୍ରରେ ସମଗ୍ର ବିଶ୍ୱରେ ଖ୍ୟାତି ରହିଛି। ଏହି ଦୁଇଟି କମ୍ପାନୀ ଆମର ବନ୍ଦର ଭିତ୍ତିକ ବିକାଶ କ୍ଷେତ୍ରରେ ଏକ ନୂଆ ଯୁଗ ସୃଷ୍ଟି କରିବେ ଏବଂ ଏହି ଦୁଇଟି ପ୍ରକଳ୍ପ ମାଧ୍ୟମରେ ରାଜ୍ୟରେ ୮,୪୫୦ ନିଯୁକ୍ତି ସୃଷ୍ଟି ହେବ। ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା କହିଥିଲେ ଯେ, ଓଡିଶାର ସାମଗ୍ରିକ ବିକାଶରେ ବନ୍ଦର ଓ ଜେଟି ଉନ୍ନତିକରଣର ଏକ ପ୍ରମୁଖ ଭୂମିକା ରହିଛି। ଓଡିଶାର ସୁଦୀର୍ଘ ଉପକୂଳରେ ଅନେକ ସମ୍ଭାବିତ ସ୍ଥାନକୁ ନିରୂପିତ କରାଯାଇ ସେଠାରେ ଅଣ-ବୃହତ ବନ୍ଦର, ଜେଟି, ମତ୍ସ୍ୟ ପୋତାଶ୍ରୟ ତଥା ଉପକୂଳ ପରିବହନ ଓ ଭିତ୍ତିଭୂମିର ବିକାଶ କରିବା ଆମ ସରକାରଙ୍କ ପ୍ରାଥମିକ ଲକ୍ଷ୍ୟ। ଏହି କାର୍ଯ୍ୟକ୍ରମରେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ଏବଂ ଜେ.ଏସ୍.ଡବ୍ଲୁ ଉତ୍କଳ ଷ୍ଟିଲଓ ଗୋପାଳପୁର ପୋର୍ଟ୍ସ ଲିମିଟେଡର ଅଧିକାରୀମାନ ଉପସ୍ଥିତ ଥିଲେ। ବାଣିଜ୍ୟ ଓ ପରିବହନ ବିଭାଗର ପ୍ରମୁଖ ଶାସନ ସଚିବ ଉଷା ପାଢୀ କାର୍ଯ୍ୟକ୍ରମରେ ସମସ୍ତଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିରିକ୍ତ ସଚିବ ବିଧାନ ରାୟ ଧନ୍ୟବାଦ ଅର୍ପଣ କରିଥିଲେ।

# ଟ୍ରକ୍‌କୁ ପିଟିଲା ବାଇକ୍ ଚାଲିଗଲା ଚାଳକଙ୍କ ଜୀବନ

**ପାଇକମାଳ, ନ୍ୟୁଜ୍‌ବ୍ୟୁରୋ**

ବରଗଡ଼ ଜିଲ୍ଲା ପାଇକମାଳରୁ ୬ କିମି ଦୂର ନୂଆପଡ଼ା ଯିବା ରାସ୍ତାର କିଙ୍ଗ ହୋଟେଲ ନିକଟରେ ଭୟଙ୍କର ଦୁର୍ଘଟଣା ଘଟିଛି। ଦ୍ରୁତଗତିରେ ଆସି ରାସ୍ତା ନିକଟରେ ଛିଡ଼ା ହୋଇଥିବା ଏକ ଟ୍ରକ୍‌କୁ ଧକ୍କା ଦେବା ପରେ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଝୁନଗାପାଲି (ଦିପ୍ତିପୁର)ଗ୍ରାମର କ୍ଷୀରସିନ୍ଧୁ ବରିହା (୪୨)। ସୂଚନାନୁଯାୟୀ, କ୍ଷୀରସିନ୍ଧୁ ନିଜ ବାଇକ୍‌ରେ ନୂଆପଡ଼ା ଯାଇ ସାରେ ନିଜ ଘରକୁ ଫେରୁଥିଲେ। କିଙ୍ଗ ହୋଟେଲ ନିକଟରେ ସନ୍ଧ୍ୟା ୬ଟାରେ ଦୁର୍ଘଟଣା ହେବା ପରେ ତାଙ୍କର ମୃତ୍ୟୁ ଘଟିଛି। ପାଇକମାଳ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହକୁ ପଦ୍ମପୁର ପଠାଇଥିବା ବେଳେ ଘଟଣାର ଅନୁସନ୍ଧାନ ଚାଲିଛି ବୋଲି ଥାନା ଅଧିକାରୀ କୈଳାସ ଚନ୍ଦ୍ର ପ୍ରଧାନ ଜଣାଇଛନ୍ତି।


Annexure-II
Office of District Manager
Odisha State Civil Supplies Corporation Ltd. (OSCSC)
Angul
CAD-911
Phone:____________________
District Website : https://angul.odisha.gov.in/

Tender No.2427 to 2436 Dt.23.06.2025

District Manager, Odisha State Civil Supplies Corporation Ltd, Angul (District) invites tenders in Double Cover System through **ONLINE MODE ONLY** for the works below:

| | | |
|---|---|---|
| 1 | Name of the work | Selection and appointment of **Level-II** Transport Contractor for transportation of foodgrains from RRCs to Retail Centers (FPS) in Angul district of the State of Odisha |
| 2 | Availability of bid document in the portal | From 26.06.2025 |
| 3 | Last Date / Time for receipt of bids in the portal | Dt 11.07.2025 up to 5.30 (PM). |
| 4 | Date/Time of Opening of Technical Bid | Dt 15.07.2025 , at 11.00 AM |
| 5 | Name and address of the Officer Inviting Tender | District Manager, OSCSC Ltd, Angul, At- O/o CSO-cum-DM, OSCSC Ltd, Angul, Near Rotary Public School, Biju Maidan, Angul |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.

Sd/- District Manager
OSCSC Ltd. Angul

OIPR-07064/11/0007/2526



GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHUBANESWAR
Ph. No. – 0674-2301787
Fax No.- 0674-2300965
E.Mail I.D. – eerw_bbsr@yahoo.co.in
No:-Tender – Online – BBSR Divn. – 07 Date :- 19.06.2025
O-339

e-Procurement NOTICE

1. Name of the work : Repair / renovation / constn. of building work
2. Total No. of Building : 3 Nos. of Buildings
3. **Class of contractor**
   a) Above Rs. 20 lakh and upto 3 crore : 'B' Class (of Odisha PWD) or equivalent class of other licensing authorities.
   b) Upto Rs. 40.00 lakh : 'C' Class (of Odisha PWD) or equivalent class of other licensing authorities.
   c) Upto Rs. 20.00 lakh : 'D' Class (of Odisha PWD) or equivalent class of other licensing authorities.
4. Estimate cost of Individual project : Rs. 42.00 lakh to 44.00 lakh
5. Time for completion : **4 (Four) calendar** months
6. Other details

| Procurement Officer | Bid Identification No. | Availability of Tender on-line for bidding | | Date & Time of opening of tender |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Additional Chief Engineer, Rural Works Division, Bhubaneswar. | Tender Online – BBSR Divn. - 07 | 01.07.2025 at 11.00 A.M. | 10.07.2025 up to 5.00 P.M | 11.07.2025 at 11.00 A.M. |

Further details can be seen from the website www.tendersorissa.gov.in

Sd/- Additional Chief Engineer
Rural Works Divn BBSR

OIPR-25066/11/0004/2526



GOVERNMENT OF ODISHA, DEPARTMENTOF WATER RESOURCES
Office of the Engineer-In-Chief, Water Resources, Secha Sadan, Bhubaneswar
A-333
Email Address: cemech.eicwr.od@gmail.com
e-Procurement Notice- Bid Identification No.- CEM/MDC-09/ 2025-26

1. Name of the Work : Mechanical Gate Works
2. No. of Works : 01 (One)
3. Category of executors : SSI Units registered under DIC/ NSIC/ MSME for Irrigation Shutters / Hydro mechanical gates.
4. Bid Identification No. : CEM / MDC - 09/ 2025-26
5. Estimated Cost : Rs. 67,72,557.00
6. Period of Completion : 03 (Three) calendar months.
7. Date & time of availability of bid documents in the Portal : From dt.30.06.2025 (10.00 AM) to dt.10.07.2025(5.30 PM)
8. Last date/ time for receipt of bid In the Portal : dt. 10.07.2025 (up to 5.30 PM)
9. Date and Place of opening of Technical Bid : dt.11.07.2025 (12.00 Noon onwards in the O/O the undersigned)
10. Date and Place of opening of Financial Bid : To be intimated to the qualified Bidders after evaluation of Technical Bid.
11. Name of the Officer inviting bid : Chief Engineer, Mechanical, O/O the E.I.C, Water Resources, Odisha, Bhubaneswar

Further details can be seen from the e-procurement portal https://tendersodisha.gov.in. Any further issue of Addenda/ Corrigenda/ Cancellation Notice shall be uploaded in the aforesaid website only.

Sd/- Chief Engineer, Mechanical
O/o- Engineer-In-Chief,
Secha Sadan, Bhubaneswar

OIPR-32520/11/0049/2526

ଭୁବନେଶ୍ୱର
୨୭ ଜୁନ୍,
ଶୁକ୍ରବାର, ୨୦୨୫

RNI Regd. No. : 52640/94
Postal Regd. No. :
BN/60/25-27

# ରଥ ପ୍ରସ୍ତୁତ ପଥ ବି ପ୍ରସ୍ତୁତ : ଶ୍ରୀବାଣୀକ୍ଷେତ୍ର ଚଳଚଞ୍ଚଳ



**ଭୁବନେଶ୍ୱର, ୨୬।୦୬:ନ୍ୟୁଜ୍‌ବ୍ୟୁରୋ**

ଶୁକ୍ରବାର ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପବିତ୍ର ଘୋଷଯାତ୍ରା। ତିନିରଥରେ ବିଜେକରି ପ୍ରଭୁ ବଳଭଦ୍ର, ମା’ ସୁଭଦ୍ରା, ମହାପ୍ରଭୁ ଶ୍ରୀଜଗନ୍ନାଥ ଓ ପ୍ରଭୁ ସୁଦର୍ଶନ ଚତୁର୍ଦ୍ଧାମୂର୍ତ୍ତି ଦର୍ଶନ ଦେବେ ଲକ୍ଷ ଲକ୍ଷ ଶ୍ରଦ୍ଧାଳୁଙ୍କୁ। ଚଳିତବର୍ଷ ମହାପ୍ରଭୁଙ୍କ ରଥଯାତ୍ରା ପାଇଁ କିଟ୍ ଜଗନ୍ନାଥ ମନ୍ଦିର ଶ୍ରୀବାଣୀକ୍ଷେତ୍ରରେ ସମସ୍ତ ପ୍ରକାର ପ୍ରସ୍ତୁତି ଶେଷ ହୋଇଛି। ଶ୍ରୀବାଣୀକ୍ଷେତ୍ର ଚଳଚଞ୍ଚଳ ହୋଇ ଉଠିଛି। ମହାପ୍ରଭୁଙ୍କ ଘୋଷଯାତ୍ରାକୁ ସୁରୁଖୁରୁରେ ଶାନ୍ତିଶୃଙ୍ଖଳାରେ ସମ୍ପନ୍ନ କରିବା ନିମନ୍ତେ ଇତି ମଧ୍ୟରେ କିଟ୍ ଜଗନ୍ନାଥ ମନ୍ଦିର ଟ୍ରଷ୍ଟ ପ୍ରତିଷ୍ଠାତା ଡ. ଅଚ୍ୟୁତ ସାମନ୍ତଙ୍କ ଅଧ୍ୟକ୍ଷତାରେ ଶେଷ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ମହାପ୍ରଭୁଙ୍କ ପହଣ୍ଡି ଠାରୁ ଆରମ୍ଭ କରି ଛେରା ପହଁରା, ରଥଟଣା ପର୍ଯ୍ୟନ୍ତ ସମସ୍ତ ରୀତିନୀତି ଶାନ୍ତିଶୃଙ୍ଖଳାର ସହ ସମାପନ ପାଇଁ ଡ. ସାମନ୍ତ ପରାମର୍ଶ ଦେଇଥିଲେ। ଗୁରୁବାର ଶ୍ରୀଜୀଉଙ୍କ ନେତ୍ରୋତ୍ସବ ଓ ନବଯୌବନ ଦର୍ଶନ ଅନୁଷ୍ଠିତ ହୋଇଯାଇଛି। ଶୁକ୍ରବାର ସକାଳ ୧୦ଘଣ୍ଟା ସମୟରେ ପହଣ୍ଡି, ଅପରାହ୍ଣ ୩ଟାରେ ଛେରାପହଁରା ନୀତି ସମାପନ କରାଯାଇ ଅପରାହ୍ଣ ୪ଟାରେ ରଥଟଣା ଆରମ୍ଭ ନୀତି ନିର୍ଘଣ୍ଟ ହୋଇଛି। ଜୁଲାଇ ୪ ତାରିଖରେ ଶ୍ରୀଜୀଉଙ୍କ ନବମୀ ସନ୍ଧ୍ୟା ଦର୍ଶନ ଅନୁଷ୍ଠିତ ହେବାକୁ ଥିବା ବେଳେ ୫ ତାରିଖରେ ବାହୁଡ଼ା ଯାତ୍ରା, ୬ରେ ସୁନାବେଶ ଓ ୭ ତାରିଖରେ ଅଧରପଣା ନୀତି ଅନୁଷ୍ଠିତ ହେବ। ନବଦିନ ବ୍ୟାପୀ ଶ୍ରୀଜୀଉଙ୍କ ଏହି ଯାତ୍ରା ସମୟରେ ଜୁନ୍ ୨୮ ତାରିଖରୁ ଗୁଣ୍ଡିଚା ମନ୍ଦିରଠାରେ ପ୍ରତିଦିନ ସନ୍ଧ୍ୟାରେ ପ୍ରତିଷ୍ଠିତ କଣ୍ଠଶିଳ୍ପୀଙ୍କ ଦ୍ୱାରା ଭଜନ ସମାରୋହ ଆୟୋଜନ ହେବ। ଏହା ଛଡ଼ା ଗୁଣ୍ଡିଚା ମନ୍ଦିରରେ ମୀନାବଜାର ବସିବାର ବ୍ୟବସ୍ଥା କରାଯାଇଛି। ଶ୍ରୀକ୍ଷେତ୍ର ପୁରୀ ଜଗନ୍ନାଥ ମନ୍ଦିରର ସମସ୍ତ ରୀତିନୀତି ଅନୁଯାୟୀ ଶ୍ରୀବାଣୀକ୍ଷେତ୍ର ଜଗନ୍ନାଥ ମନ୍ଦିରରେ ସମସ୍ତ ଦେବନୀତି ଓ ପର୍ବ ପର୍ବାଣୀ, ମହାପ୍ରଭୁଙ୍କ ଯାନିଯାତ୍ରା ଅନୁଷ୍ଠିତ ହୋଇଥାଏ। ରଥଯାତ୍ରା ପାଇଁ ଶ୍ରୀବାଣୀକ୍ଷେତ୍ରଠାରୁ ଶିଖରଚଣ୍ଡୀ ମନ୍ଦିର ପାଦଦେଶରେ ଅବସ୍ଥିତ ଗୁଣ୍ଡିଚା ମନ୍ଦିର ପର୍ଯ୍ୟନ୍ତ ରାସ୍ତାକୁ ରଙ୍ଗୀନ ଆଲୋକମାଳାରେ ସଜ୍ଜିତ କରାଯାଇଛି। ଶ୍ରୀବାଣୀକ୍ଷେତ୍ର ରଥଯାତ୍ରାରେ ମା’ ସୁଭଦ୍ରାଙ୍କ ରଥକୁ କେବଳ ମହିଳାମାନେ ଟାଣିଥାନ୍ତି।

# ଏନକାଉଣ୍ଟର : ୨ ନକ୍ସଲ ନିହତ

**ନାରାୟଣପୁର, ୨୬।୦୬**
**ନ୍ୟୁଜ୍‌ବ୍ୟୁରୋ**

ଛତିଶଗଡ଼ ନାରାୟଣପୁର ଜିଲ୍ଲାର କୋହକାମେଟା ଥାନା ଅନ୍ତର୍ଗତ ଅବୁଝମାଡ଼ ଅଞ୍ଚଳରେ ପୋଲିସ ଏବଂ ନକ୍ସଲ ମଧ୍ୟରେ ହୋଇଥିବା ଏନକାଉଣ୍ଟରରେ ୨ ଜଣ ନକ୍ସଲ ନିହତ ହୋଇଛନ୍ତି। ସେମାନଙ୍କ ମୃତଦେହ ମଧ୍ୟ ଜବତ କରାଯାଇଛି। ଏହା ସହିତ ୩୧୫ ବୋର ରାଇଫଲ ସମେତ ଚିକିତ୍ସା ସାମଗ୍ରୀ ଏବଂ ଅନ୍ୟାନ୍ୟ ନକ୍ସଲ ସାମଗ୍ରୀ ଜବତ କରାଯାଇଛି। ବସ୍ତର ଆଇଜି ଏହି ଏନକାଉଣ୍ଟରକୁ ନିଶ୍ଚିତ କରି କହିଛନ୍ତି ଯେ, ୨ଜଣ ନକ୍ସଲଙ୍କ ମୃତ ଦେହ ଜବତ କରାଯାଇଛି। ସୁରକ୍ଷା ବାହିନୀ ଘଟଣାସ୍ଥଳରେ ଉପସ୍ଥିତ ଅଛନ୍ତି, ଅଞ୍ଚଳରେ ତଲାସୀ ଚାଲିଛି।

ନକ୍ସଲଙ୍କ ମାଡ ଡିଭିଜନର ଏକ ବଡ଼ କ୍ୟାଡରର ସୂଚନାକୁ ଭିତ୍ତି କରି ବୁଧବାର ରାତିରେ ଡିଆରଜି ନାରାୟଣପୁର, କୋଣ୍ଡାଗାଓଁ ଏବଂ ଏସଟିଏଫର ଏକ ମିଳିତ ବାହିନୀକୁ ଅବୁଝମାଡ କୋହକାମେଟା ଅଞ୍ଚଳକୁ ଅପରେସନ ପାଇଁ ପଠାଯାଇଥିଲା। ବୁଧବାର ରାତିରେ ସୈନିକମାନେ ନକ୍ସଲ ଆଡ୍ଡାରେ ପହଞ୍ଚିବା ପରେ ନକ୍ସଲମାନେ ଗୁଳିଚାଳନା ଆରମ୍ଭ କରିଥିଲେ। ଗୁରୁବାର ସକାଳେ, ସୈନିକମାନେ ସର୍ଚ୍ଚ ଅପରେସନ ଚଳାଇବା ସମୟରେ ୨ ଜଣ ନକ୍ସଲଙ୍କ ମୃତଦେହ ଉଦ୍ଧାର କରାଯାଇଥିଲା। ଏହି ସମୟରେ ଗୁଳିଚାଳନା ମଧ୍ୟ ହୋଇଥିଲା।










